## ଅଜଣା ଗାଡ଼ି ଧକ୍କାରେ ମହିଳାଙ୍କ ମୃତ୍ୟୁ

**ବ୍ରହ୍ମପୁର,୫।୬(ସମିସ):** ଗୋପାଳପୁର ଥାନା ଅନ୍ତର୍ଗତ ପୁଟିପଦର ଛକ ଠାରେ ଏକ ଅଜଣା ଗାଡ଼ି ଧକ୍କାରେ ଗତ ୩୦ ତାରିଖରେ ଜଣେ ବିବାହିତା ମହିଳାଙ୍କ ମୃତ ହୋଇଥିବା ନେଇ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ ହୋଇଛି। ମୃତ ମହିଳା ଜଣକ ହେଲେ ଶକୁନ୍ତଳା ବେହେରା (୪୧)।

କରାପିଲ୍ଲୀ ପିଏଚ୍‌ଡ଼ି କୋଲନୀରେ ରହୁଥିବା ଶକୁନ୍ତଳା ଗତ ୩୦ ତାରିଖ ସକାଳେ ଆର୍ମି ଏଡି କ୍ୟାମ୍ପସ ପରିସରକୁ ୮ ବର୍ଷ ହେଲା ଘରୋଇ କାମ କରିବାକୁ ଯାଉଥିବା ବେଳେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେବାରୁ ସେ ଗୁରୁତର ଆହତ ହୋଇଥିଲେ। ଆହତ ମହିଳାଙ୍କୁ ଜଣେ ଯବାନ ଚିକିତ୍ସା ନିମନ୍ତେ କ୍ୟାମ୍ପ ଭିତରେ ଥିବା ମେଡିକାଲକୁ ନେଇଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁର ମେଡିକାଲ ନେଇଥିଲେ। ପରେ ଚିକିତ୍ସା ନିମନ୍ତେ କଟକ ସ୍ଥାନାନ୍ତର କରିଥିଲେ। ଚିକିତ୍ସାଧିନ ଅବସ୍ଥାରେ ଡାକ୍ତର ତାଙ୍କୁ ୩୧ ତାରିଖ ରାତିରେ ମୃତ୍ୟୁ ଘୋଷଣା କରିଥିଲେ। ଏ ନେଇ କଟକ ମଙ୍ଗଳା ବାଗ ଥାନାରେ ଅପମୃତ୍ୟୁ ମାମଲା ରୁଜୁ କରି ପୁଲିସ ଶବ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଛି। ଏ ନେଇ ମୃତ ମହିଳାଙ୍କ ସ୍ୱାମୀ ଦୁର୍ଯ୍ୟୋଧନ ବେହେରା ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପ୍ରକାରେ କେସ୍ ନମ୍ବର ୧୭୭/୨୪ରେ ମାମଲା ରୁଜୁ କରି ପୁଲିସ ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ଶରତ କୁମାର ମାହାଲିକ ସୂଚନା ଦେଇଛନ୍ତି।

## ବିଶିଷ୍ଟ ଶିକ୍ଷାବିତ୍ ମନୁ ପାଣିଗ୍ରାହୀଙ୍କ ପରଲୋକ

**ବେଲଗୁଣ୍ଠା,୫।୬(ସମିସ):** ବେଲଗୁଣ୍ଠା ଅଞ୍ଚଳର ବିଶିଷ୍ଟ ଶିକ୍ଷାବିତ୍ ତଥା ବିଶିଷ୍ଟ ସମାଜସେବୀ ମନୋରଞ୍ଜନ ପାଣିଗ୍ରାହୀ ଆଉ ନାହାନ୍ତି। ମଙ୍ଗଳବାର ଏକ ସଡ଼କ ଦୁର୍ଘଟଣାରେ ତାଙ୍କ ମୃତ୍ୟୁ ଘଟିଛି। ସୋମବାର ସେ ନିଜ ପୁଅକୁ ଦେଖା କରିବାକୁ ନିଜ ଟାଭେରା ଗାଡିରେ କଟକ ଯାଇଥିଲେ। ସେଠାରୁ ସେ ଫେରିଲା ବେଳେ ଭୋର୍ ପାଖାପାଖି ୪ଟା ବେଳେ ବାଲୁଗାଁ ନିକଟସ୍ଥ ନାଭାଲ୍ ଫାଣ୍ଡି ନିକଟରେ ଜାତୀୟରାଜପଥ ଉପରେ ଏକ ଟ୍ରକ ତାଙ୍କ ଗାଡିର ପଛପଟୁ ଧକ୍କା ଦେବା ଫଳରେ ଘଟଣାସ୍ଥଳରେ ହିଁ ମନୋରଞ୍ଜନ ଓ ତାଙ୍କ ଡ୍ରାଇଭର୍ ବିଦ୍ୟାଧର ବେହେରାଙ୍କ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ପୁଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଥିଲେ। ଏହି ଖବର ବେଲଗୁଣ୍ଠାରେ ପହଞ୍ଚିବା ପରେ ବେଲଗୁଣ୍ଠା ଅଞ୍ଚଳରେ ଶୋକରେ ଛାୟା ଖେଳିଯାଇଛି। ମନୋରଞ୍ଜନ ପାଣିଗ୍ରାହୀ ସ୍ଥାନୀୟ ଅଞ୍ଚଳରେ ମନୁ ଭାଇନା ନାମରେ ପ୍ରତିଷ୍ଠିତ ଥିଲେ। ସେ ଜଣେ ମିଷ୍ଟଭାଷୀ, ପରୋପକାରୀ, ମେଳାପୀ ବ୍ୟକ୍ତିତ୍ୱ ଭାବେ ପରିଚିତ ଥିଲେ। ତାଙ୍କ ମୃତ୍ୟୁରେ ବେଲଗୁଣ୍ଠା ପ୍ରେସ୍ କ୍ଲବ ସଭାପତି ପ୍ରଦ୍ୟୁମ୍ନ ପାତ୍ର, ଉପସଭାପତି ପ୍ରଭାତ କୁମାର ସାହୁ, ସମ୍ପାଦକ ଅଶ୍ୱିନୀ କୁମାର ମହାନ୍ତି ଓ ସମସ୍ତ ସଦସ୍ୟ, ବେଲଗୁଣ୍ଠା ସହରର ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି। ମଙ୍ଗଳବାର ରାତିରେ ତାଙ୍କ ମୃତଦେହ ନିଜ ବାସଗୃହରେ ପହଞ୍ଚି ଥିବା ବେଳେ ବେଲଗୁଣ୍ଠା ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ତାଙ୍କ ପୁତ୍ର ଡ଼ା ଆଶିଷ କୁମାର ପାଣିଗ୍ରାହୀ ମୁଖାଗ୍ନି ଦେଇଥିଲେ।

## ସାବିତ୍ରୀ ଅମାବାସ୍ୟା ପାଇଁ ଟ୍ରାଫିକ୍ ସମସ୍ୟା



**ପାରଳାଖେମୁଣ୍ଡି,୫।୬(ସମିସ):** ସାବିତ୍ରୀ ଅମାବାସ୍ୟା ପର୍ବ ଗୁରୁବାର ପାଳନ ହେବ। ଏଥି ପାଇଁ ଗଜପତି ଜିଲ୍ଲାର ସଦର ମହକୁମା ପାରଳାଖେମୁଣ୍ଡି ସମେତ ବିଭିନ୍ନ ଅଞ୍ଚଳରେ ପୂଜାରେ ବ୍ୟବହାର ହେଉଥିବା ସାମଗ୍ରୀ ଆମ୍ବ, ପଣସ, ତାଳ, ଜାମୁକୋଳି, ଖଜିରୀକୋଳି, ଆଦିର ଦର ଆକାଶ ଛୁଆଁ ରହିଛି। ଏହାସତ୍ତ୍ୱେ ବି ବଜାରରେ ପ୍ରବଳ ଭିଡ ଦେଖିବାକୁ ମିଳିଛି। ଏଥିଯୋଗୁ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଛି।

# ସାବିତ୍ରୀ ପାଇଁ ଦୋକାନବଜାରରେ ଭିଡ଼

**ଭଞ୍ଜନଗର,୫।୬(ସମିସ)**

ସଧବା ମହିଳାମାନେସାମୀଙ୍କ ଶୁଭ କାମନା ଓ ଦୀର୍ଘାୟୁ ପାଇଁ ସାବିତ୍ରୀ ବ୍ରତ ପାଳନ କରିଥାନ୍ତି। ଗୁରୁବାର ସାବିତ୍ରୀ ଅମାବାସ୍ୟା ପଡୁଥିବାରୁ ଦୋକାନ ବଜାର ସବୁ ଚଳଚଞ୍ଚଳ ହୋଇଉଠିଛି। ଏଥିପାଇଁ ବଡ ବଡ ମଲ, ଶାଢି, ଚୁଡି, ଷ୍ଟେସନାରୀ ଓ ଫଳ ଦୋକାନରେ ଭିଡ ଜମିବାରେ ଲାଗିଛି। ଖାସ୍ କରି ସାବିତ୍ରୀ ବ୍ରତ ପାଇଁ ଲୁଗା ଦୋକାନୀ ମାନେ ଭଳିକି ଭଳି ଶାଢି ଓ ଲୁଗାର ପସରା ମେଲାଇଛନ୍ତି। ବର୍ତ୍ତମାନ ଚାହିଦା ଥିବା ଶାଢିକୁ ଅଧିକ ଗୁରୁତ୍ୱ ଦେଇ ଦୋକାନୀ ହସ୍ତତନ୍ତ ଶାଢି ଠାରୁ ଆରମ୍ଭ କରି ସୂତା, ଟିସୁ, ସିଲ୍କ, ପାଟ ଭଳି ବିଭିନ୍ନ ଭେରାଇଟିର ଶାଢି ଦୋକନରେ ସଜେଇ ରଖିଛନ୍ତି। ଲୁଗା ସହିତ ଅନ୍ୟାନ୍ୟ ଆନୁଷଙ୍ଗିକ ଓ ପୂଜା ସାମଗ୍ରୀର ଦର ଦେଖି ଛାନିଆ ହୋଇ ପଡିଛନ୍ତି ସତ୍ୟବାନ। ତଥାପି ସାବିତ୍ରୀ ବ୍ରତ ପାଇଁ ବିଭିନ୍ନ ଦୋକାନ ଆଗରେ ଲୋକଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି। ଏହି ବ୍ରତରେ ବାପା ଘରୁ ବିବାହିତା ଝିଅ ପାଇଁ ଭାର ଯିବାର ପରମ୍ପରା ରହିଛି। ପ୍ରଥମ ଥର ବ୍ରତ କରୁଥିବା ଝିଅ ପାଇଁ ବାପା ଘରୁ ସ୍ୱତନ୍ତ୍ର ଭାର ଯାଇଥାଏ। ସାବିତ୍ରୀ ବ୍ରତକୁ ନଜରରେ ରଖି ଭଞ୍ଜନଗର ସହରରେ ୩ ଶହ ଟଙ୍କାରୁ ଆରମ୍ଭ କରି ୫ହଜାର ଟଙ୍କା ପର୍ଯ୍ୟନ୍ତ ବିଭିନ୍ନ ଭେରାଇଟିର ଶାଢ଼ି ବଜାରରେ ମିଳୁଛି। ସେହିଭଳି ପୂଜା ପାଇଁ ଚୂଡ଼ି, ଅଳତା ଓ ବିଭିନ୍ନ ସମଗ୍ରୀ ସମେତ ଭୋଗ ପାଇଁ ନଡ଼ିଆ, କଦଳୀ, ଆମ୍ବ, ପଣସ, ତାଳ, ଖଜୁରୀ, କାକୁଡ଼ି, ଭଳି ସାମଗ୍ରୀ ଖୋଜା ପଡୁଛି। ବିଶେଷ କରି ସେଓ, କମଳା, ଅଙ୍ଗୁର ଲିଚୁରେ ହାତ ମାରି ହେଉନି। ଗତବର୍ଷ ଠାରୁ ଏସବୁ ଫଳ କେଜି ପିଛା ୫୦ରୁ ଶହେ ଟଙ୍କା ପର୍ଯ୍ୟନ୍ତ ବଢିଛି। ଆମ୍ବ ୪୦ରୁ ୧୦୦ ଟଙ୍କା, ସେଓ ୨୦୦ରୁ ୨୫୦, ଅଙ୍ଗୁର ଶହେରୁ ୧୫୦, ଡାଳିମ୍ବ ୨ଶହରୁ ୨୫୦, କମଳା ୨ଶହରୁ ୩ଶହ ଟଙ୍କା କିଲୋ ପ୍ରତି ବିକ୍ରି ହେଉଛି। ସେହିପରି ପଣସ ଗୋଟାକୁ ୫୦ରୁ ୨୦୦, ସପୁରୀ ୩୦ରୁ ୪୦, ନଡିଆ ୨୫ରୁ ୪୦ ଓ ତାଳ ୨୦ରୁ ୩୦ ଟଙ୍କାରେ ବିକ୍ରି ହେଉଛି। ତେଣୁ ବର୍ଷକୁ ଥରେ ଏହି ପୂଜା ପାଇଁ ଆବଶ୍ୟକତାକୁ ଦୃଷ୍ଟିରେ ରଖି ବେଶି ନ ହେଲେ ମଧ୍ୟ ନିଜ ସକ୍ଷମ ଅନୁସାରେ ସମସ୍ତ ଜିନିଷପତ୍ର ଯୋଗାଡ଼ କରିବାକୁ ପଡୁଛି।

## ଟାଇଁ ଟାଇଁ ଖରାରେ ସାବିତ୍ରୀ ପସରା

**ରମ୍ଭା,୫।୬(ସମିସ):** ପ୍ରତି ବର୍ଷ ପରି ଚଳିତ ବର୍ଷ ସାବିତ୍ରୀ ବଜାର ରମ୍ଭାରେ ସରଗରମ ହୋଇଛି। ଦରଦାମ ବୃଦ୍ଧି ହେତୁ ଇଚ୍ଛା ନ ଥିଲେ ମଧ୍ୟ ବ୍ରତ ପାଇଁ ପୂଜା ସାମଗ୍ରୀ ଅଳ୍ପ ବହୁତରେ ଚଢ଼ା ଦରରେ ସଧବା ମହିଳାମାନେ କିଣୁଛନ୍ତି। ଅନ୍ୟପଟେ ଦୋକାନୀମାନେ ରଙ୍ଗ ବେରଙ୍ଗର ଆମ୍ବ ପଣସ ପରି ବିଭିନ୍ନ ଫଳ ମାନଙ୍କରେ ବିଷାକ୍ତ ରାସାୟନିକ ସ୍ପ୍ରେ କରି ଫଳକୁ ପଚାଇ ବଜାରରେ ବିକ୍ରି କରୁଥିବା ଅଭିଯୋଗ ହେଉଛି। ରମ୍ଭାରେ ଭେଣ୍ଡିଂ ଜୋନ ନଥିବା ଏବଂ ସ୍ୱତନ୍ତ୍ର ବଜାର ପାଇଁ ଜାଗାର ଆବଶ୍ୟକତା ଥିବାରୁ ନିରାଶ ହୋଇ ପେଟ ପାଟଣା ପାଇଁ ସହରର ମୁଖ୍ୟ ରାସ୍ତା ପାର୍ଶ୍ୱରେ ବଜାର ଚାଲିଛି। ଫଳରେ ଯାନବାହାନ ଯିବା ଆସିବାରେ ବ୍ୟାହତ ସୃଷ୍ଟି ହେଉଛି।

## ବିଜୟୀ ପ୍ରମାଣପତ୍ର ଗ୍ରହଣ କଲେ ସାଂସଦ ଓ ବିଧାୟକ

**ଛତ୍ରପୁର,୫।୬(ସମିସ):** ବ୍ରହ୍ମପୁର ଲୋକସଭାର ବିଜେପିର ବିଜୟୀ ପ୍ରାର୍ଥୀ ଡ. ପ୍ରଦୀପ କୁମାର ପାଣିଗ୍ରାହୀ ବୁଧବାର ରିଟର୍ଣ୍ଣିଂ ଅଫିସର ତଥା ଗଞ୍ଜାମ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ମଧୁମିତାଙ୍କ ଠାରୁ ବିଜୟୀ ପ୍ରମାଣ ପତ୍ର ଗ୍ରହଣ କରିଛନ୍ତି। ପ୍ରମାଣପତ୍ର ଗ୍ରହଣ ବେଳେ ଛତ୍ରପୁରର ନବ ନିର୍ବାଚିତ ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଉପସ୍ଥିତ ଥିଲେ। ସେହିପରି ଛତ୍ରପୁରର ନବ ନିର୍ବାଚିତ ବିଧାୟକ ଭାବେ ବିଜେପିର ବିଜୟୀ ପ୍ରାର୍ଥୀ କୃଷ୍ଣଚନ୍ଦ୍ର ନାୟକ ରିଟର୍ଣ୍ଣି ଅଫିସର ତଥା ଛତ୍ରପୁର ଉପଜିଲ୍ଲାପାଳ ଦେବଦତ୍ତ ମହାନ୍ତ ଠାରୁ ବିଜୟୀ ପ୍ରମାଣପତ୍ର ଗ୍ରହଣ କରିଛନ୍ତି। ପ୍ରମାଣପତ୍ର ଗ୍ରହଣ ବେଳେ ତାଙ୍କ ସହ ବହୁ ସମର୍ଥକମାନେ ଉପସ୍ଥିତ ଥିଲେ।

**ଚିକିଟି: ପରିବାର ରାଜନୀତିରେ ପଟ୍ଟ ପରିବର୍ତ୍ତନ**

## ମନ ଜିଣିଲେ ମନୋରଞ୍ଜନ, ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ

**ପାତ୍ରପୁର,୫।୬(ସମିସ):** ମଙ୍ଗଳବାର ସାଧାରଣ ନିର୍ବାଚନ ଭୋଟ ଗଣତି ଶେଷ ହୋଇଛି। ଗଞ୍ଜାମ ଜିଲ୍ଲା ଚିକିଟି ନିର୍ବାଚନ ମଣ୍ଡଳୀରେ ବିଜେପି ପ୍ରାର୍ଥି ମନୋରଞ୍ଜନ ଦ୍ୟାନ ସାମନ୍ତରା ୬୫୨୨ଖଣ୍ଡ ଭୋଟ ବ୍ୟାବଧାନରେ ବିଜେଡି ପ୍ରାର୍ଥୀ ଚିନ୍ମୟାନନ୍ଦ ଶ୍ରୀରୂପ ଦେଓଙ୍କୁ ପରାସ୍ତ କରିଛନ୍ତି। ବିଜେଡି ପ୍ରାର୍ଥୀ ଚିନ୍ମୟାନନ୍ଦ ଶ୍ରୀରୂପଦେଓ ୬୩୩୧୭ ଖଣ୍ଡ ଭୋଟ ପାଇଥିବା ବେଳେ ବିଜେପି ପ୍ରାର୍ଥୀ ମନୋରଞ୍ଜନ ଦ୍ୟାନ ସାମନ୍ତରା ୬୯୮୩୯ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି। ବିଜୟ ପରେ ଚିକିଟିବାସୀଙ୍କୁ କୃତଜ୍ଞତା ଜଣାଇବା ସହ ଏହି ବିଜୟ ଚିକିଟିବାସୀଙ୍କ ବିଜୟ ବୋଲି ପ୍ରକାଶ କରିଛନ୍ତି। ନିର୍ବାଚନ ମଣ୍ଡଳୀର ଉପାନ୍ତ ଅଞ୍ଚଳ ସହ ବିକାଶର ନୂଆଁ ଅଧ୍ୟାୟ ଯୋଡିବା ପାଇଁ ଚେଷ୍ଟା କରିବେ ବୋଲି ପ୍ରକାଶ କରିଛନ୍ତି। ଦୀର୍ଘ ୨୫ବର୍ଷ ପରେ ଚିକିଟିରେ ରାଣୀ ପରିବାର ପରାଜିତ ହେବା ସହ ଭୋଟର ନୂଆ ବିଧାୟକ ବାଛିଛନ୍ତି। ଅନ୍ୟପକ୍ଷେ ପାତ୍ରପୁର ସ୍ଥିତ ବିଜେପି କାର୍ଯ୍ୟାଳୟ ଉତ୍ସବ ମୁଖର ହେବା ସହ ହଜାର ହଜାର ଶୁଭେଚ୍ଛୁଙ୍କ ଭିଡ ଦେଖିବାକୁ ମିଳିଛି।



ସୂଚନାଯୋଗ୍ୟ ଯେ, ରାଜ୍ୟ ରାଜନୀତିର ଚର୍ଚ୍ଚିତ ନିର୍ବାଚନ ମଣ୍ଡଳୀ ହେଉଛି ଚିକିଟି। ଏଠାରେ ଦୁଇ ପରିବାର ମଧ୍ୟରେ କଡ଼ା ଟକ୍କର ଦେଖିବାକୁ ମିଳେ। ଚଳିତ ନିର୍ବାଚନରେ ଏଠାରେ ସମୀକରଣ ବଦଳିଛି। ଚିକିଟି ରାଣୀ ତଥା ପୂର୍ବତନ ମନ୍ତ୍ରୀ ଉଷା ଦେବୀ ଓ ପୂର୍ବତନ ବାଚସ୍ପତି ଚିନ୍ତାମଣି ଦ୍ୟାନ ସାମନ୍ତରାଙ୍କ ପରିବାର ମଧ୍ୟରେ ଏଠାରେ ଲଢେଇ ଦେଖିବାକୁ ମିଳେ। ଏଣୁ ଚିକିଟିରେ ଦଳ ନୁହେଁ ବରଂ ରାଣୀ-ମଣି ଲଢେଇ କୁହାଯାଏ। ଚଳିତ ବର୍ଷ ଏଠାରେ ସମ୍ପୂର୍ଣ୍ଣ ଅଲଗା ସମୀକରଣ ରହିଥିଲା। ଗୋଟିଏ ପଟେ ଉଷା ଦେବୀଙ୍କ ପୁଅ ଚିନ୍ମୟାନନ୍ଦ ଶ୍ରୀରୂପ ଦେଓ ବିଜୁ ଜନତା ଦଳ ପକ୍ଷରୁ ପ୍ରାର୍ଥୀ ହୋଇଥିବା ବେଳେ ଚିନ୍ତାମଣିଙ୍କ ପୁଅ ରବିନ୍ଦ୍ର ଦ୍ୟାନ ସାମନ୍ତରା କଂଗ୍ରେସ ଦଳରୁ ପ୍ରାର୍ଥୀ ହୋଇଥିଲେ। ସେହିଭଳି ଭାରତୀୟ ଜନତା ପାର୍ଟିରୁ ଚିନ୍ତାମଣିଙ୍କ ଅନ୍ୟତମ ପୁତ୍ର ମନୋରଞ୍ଜନ ଦ୍ୟାନ ସାମନ୍ତରା ପ୍ରାର୍ଥୀ ହୋଇଥିଲେ। ଉଭୟ ଶ୍ରୀରୂପ ଓ ରବିନ୍ଦ୍ରଙ୍କୁ ପରାସ୍ତ କରି ମନୋରଞ୍ଜନ ଚଳିତଥର ଚିକିଟି ବିଧାୟକ ହେବାର ସୌଭାଗ୍ୟ ପ୍ରାପ୍ତ କରିଛନ୍ତି। ଚିକିଟିବାସୀଙ୍କ ମନ ଜିଣିବାରେ ମନୋରଞ୍ଜନ ସକ୍ଷମ ହୋଇଥିବା ବେଳେ ବର୍ତ୍ତମାନ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ଅନ୍ୟପକ୍ଷରେ ପୂର୍ବରୁ ଚିନ୍ତାମଣି ଦ୍ୟାନ ସାମନ୍ତରାଙ୍କ ହାତରେ ଚିକିଟି ନିର୍ବାଚନ ମଣ୍ଡଳୀର କ୍ଷମତା ରହିଥିଲା। ସେ ଏଠାରେ ବିଧାୟକ ଭାବେ ନିର୍ବାଚିତ ହେବା ସହ ବାଚସ୍ପତି ହେବାର ସୌଭାଗ୍ୟ ପାଇଥିଲେ। ସେହଭଳି ଲଗାତାର ଦୀର୍ଘବର୍ଷ ଧରି ଚିକିଟି ରାଣୀ ଉଷା ଦେବୀ ଏହି ନିର୍ବାଚନ ମଣ୍ଡଳୀରୁ ବିଧାୟକ ହୋଇ ମନ୍ତ୍ରୀ ମଧ୍ୟ ରହିଥିଲେ। ଚଳିତବର୍ଷ ଏଠାରେ ବିଜେପି ବାଜିମାତ କରିବା ସହ ପାରିବାରିକ ରାଜନୀତିରେ ପଟ ପରିବର୍ତ୍ତନ ହୋଇଛି। ଏନେଇ ଚିକିଟି ନିର୍ବାଚନ ମଣ୍ଡଳୀର ବିଭିନ୍ନ ଜନ ସାଧାରଣଙ୍କ ପକ୍ଷରୁ ମନୋରଞ୍ଜନଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି। ସମିତି ସଭ୍ୟରୁ ନିଜ ନିର୍ବାଚନ କ୍ୟାରିୟର ଆରମ୍ଭ କରିଥିବା ମନୋରଞ୍ଜନ ଦୀର୍ଘ ଦିନର ସଂଘର୍ଷ ପରେ ବିଧାୟକ ହେବାର ସୌଭାଗ୍ୟ ପ୍ରାପ୍ତ କରିଥିବା ଅଞ୍ଚଳବାସୀ କହିଛନ୍ତି।

## ଗ୍ୟାରେଜରେ ଅଗ୍ନିକାଣ୍ଡ, ପୋଡ଼ିଗଲା ୧୨ ବାଇକ୍ ଓ ସ୍କୁଟି

**ବ୍ରହ୍ମପୁର,୫।୬(ସମିସ):** ନୀଳକଣ୍ଠନଗର ଠାରେ ଥିବା ଏକ ବାଇକ୍ ଗ୍ୟାରେଜରେ ଆଜି ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟି ୧୨ଟି ବାଇକ୍ ଓ ସ୍କୁଟି ପୋଡିଯାଇଛି। ଖବରପାଇ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଆର. ଶଙ୍କରରାଓ ଆଚାରୀଙ୍କ ନୀଳକଣ୍ଠନଗର ଶିଶୁମନ୍ଦିର ନିକଟରେ ଏକ ବାଇକ୍ ଗ୍ୟାରେଜ ରହିଛି। ଖରାଦିନ ପାଇଁ ଗ୍ୟାରେଜର ଛାତ ଟିଣ ଉପରେ ଶଙ୍କର ନଡ଼ିଆ ଡାଳ ପକାଇଥିଲେ। ଆଜି ସନ୍ଧ୍ୟା ସାଢେ ୬ଟା ବେଳେ ବିଦ୍ୟୁତ୍ ସର୍ଟସର୍କିଟ ହୋଇ ପ୍ରଥମେ ସେହି ନଡ଼ିଆ ଡାଳରେ ନିଆଁ ଲାଗି ଯାଇଥିଲା। ପରେ ନିଆଁ ଗ୍ୟାରେଜ ଭିତରକୁ ବ୍ୟାପିବା ସହ ସେଠାରେ ରଖାଯାଇଥିବା ବାଇକ୍ ଓ ସ୍କୁଟି ପୋଡ଼ି ଯାଇଥିଲା। ପୋଡି ଯାଇଥିବା ବାଇକ୍ ଓ ସାମଗ୍ରୀର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ଗ୍ୟାରେଜ୍ ମାଲିକ ଶଙ୍କର କହିଛନ୍ତି।

## ଅଗସ୍ତି ନୂଆଗାଁରୁ ବୃଦ୍ଧ ନିଖୋଜ

**ଗଞ୍ଜାମ, ୫।୬ (ସମିସ):** ଗଞ୍ଜାମ ଥାନା ଅନ୍ତର୍ଗତ ଅଗସ୍ତି ନୂଆଗାଁର ନଟବର ତରାଇ ଗତ ଦୁଇ ଦିନ ହେଲା ନିଖୋଜ ଥିବା ଗଞ୍ଜାମ ଥାନାରେ ଅଭିଯୋଗ ହୋଇଛି। ସେ ମଙ୍ଗଳବାର ଦିନ ସାଢେ ଆଠଟାରେ ଗାଁ ନିକଟସ୍ଥ ଜଙ୍ଗଲକୁ ଶୌଚ କରିବା ପାଇଁ ଯାଇ ଆଉ ଘରକୁ ଫେରି ନଥିଲେ। ନଟବରଙ୍କ ଜ୍ୱାଇଁପୁଅ ଦିଲ୍ଲୀପ ପ୍ରଧାନ ଗଞ୍ଜାମ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।






## ବିଭିନ୍ନ ସ୍ଥାନରେ ବିଶ୍ୱ ପରିବେଶ ଦିବସ ପାଳିତ

**ଶେରଗଡ଼,୫।୬(ସମିସ):** ବିଶ୍ୱ ପରିବେଶ ଦିବସ ଅବସରରେ ଶେରଗଡ ବନ ବିଭାଗ ତରଫରୁ ଶେରଗଡ ଉଦୟ ପ୍ରତାପ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉଦୟ ପ୍ରତାପ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଉପେନ୍ଦ୍ର ବାଉତ୍ୟାଙ୍କ ତତ୍ତ୍ୱାବଧାନରେ ଏସିଏଫ ଭଞ୍ଜନଗର ପ୍ରଦୀପ ବେହେରା, ଆସିକା ରେଞ୍ଜର ପ୍ରମୋଦ କୁମାର ପଣ୍ଡା, ଅବୈତନିକ ବନ୍ୟ ପ୍ରାଣୀ ତତ୍ତ୍ୱାଧାରକ, ପରିବେଶବିତ ତଥା ଅବସରପ୍ରାପ୍ତ ଅଧ୍ୟାପକ ଲୋକନାଥ ପରିଡା, ଏନଏସଏସ ଅଧିକାରୀ ଡି.ଶିବାଜୀ, ଗଞ୍ଜାମ ଜିଲ୍ଲା ଆଖୁ ଚାଷୀ ସଂଘର ସଭାପତି ତଥା ପୂର୍ବତନ ବ୍ଲକ ଆଲାର ଅଧ୍ୟକ୍ଷ ସମୀର ପ୍ରଧାନ, ଅଶୋକ କୁମାର ସାହୁ, ଶୁଳପାଣି ଶତପଥି, ନିରାକାର ବିଷୋୟୀଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ। ପ୍ଲାଷ୍ଟିକର ବ୍ୟାପକ ବ୍ୟବହାର ଫଳରେ ପରିବେଶ ପ୍ରତି ଗୁରୁତର ବିପଦ ସୃଷ୍ଟି ହେଉଛି। ଆମ ଶରୀରରେ ସୂକ୍ଷ୍ମ ପ୍ଲାଷ୍ଟିକ ପ୍ରବେଶ କରିବା ଫଳରେ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ସଙ୍କଟ ଦେଖାଦେଉଛି। ବିଶ୍ୱରେ ପ୍ରତି ସେକେଣ୍ଡରେ ଦଶ ଲକ୍ଷ ପ୍ଲାଷ୍ଟିକ ବୋତଲ ବ୍ୟବହୃତ ହେଉଛି। ଏଥିରୁ ଗମ୍ଭୀର ପରିବେଶର ପରିସ୍ଥିତି ବିଷୟରେ ଅନୁମାନ କରାଯାଉଛି ବୋଲି ଏନଏସଏସ ଅଧିକାରୀ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରକୃତି ପ୍ରେମୀ ନିରାକାର ବିଷୋୟୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ପରେ ଅତିଥି ମାନେ ଉଦୟ ପ୍ରତାପ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶେରଗଡ ଫରେଷ୍ଟର ହରେକୃଷ୍ଣ ବାରିକ, ବାର୍ଷିଙ୍ଗି ବିଟର ଅଧିକାରୀ ଲାଲୁ ଶବର, କରଡାକଣା ବିଟ ଅଧିକାରୀ ରାଜେନ୍ଦ୍ର ରାଉତ, ଫରେଷ୍ଟର ଅକ୍ଷୟ କୁମାର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ଛତ୍ରପୁର:** ଛତ୍ରପୁର ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ ପରିସରରେ ଅନୁଷ୍ଠାନର ଅଧ୍ୟକ୍ଷ ଇଂ ପ୍ରିୟବ୍ରତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଛାତ୍ରଛାତ୍ରୀଙ୍କ ଦ୍ୱାରା ବର୍ଜ୍ୟ ପ୍ଲାଷ୍ଟିକ ସଂଗ୍ରହ ଏବଂ ନିଷ୍କାସନ କରିବା ସହ ଲଗାଯାଇଥିବା ଗଛ ଗୁଡିକୁ ପାଣିଦେବା ତଥା କିଭଳି ଯତ୍ନ ନିଆଯିବ ଜଣାଇବା ସହ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଅଦରକାରୀ ସାମଗ୍ରୀରେ ତିଆରି କରିଥିବା ସୌରଚାଳିତ ପନିପରିବା ଯାନ ଅନୁଷ୍ଠାନର ଟ୍ରେନିଂ ଅଫିସର ରାମକୃଷ୍ଣ ସାହୁ ଉଦଘାଟନ କରିଥିଲେ ଯେଉଁଥିରେ, ୧୦୦ ୱାଟ କାପାସିଟିର ତିନିଟି ସୋଲାର ପାନେଲ ଖଞ୍ଜାଯାଇକି ଏଥିରୁ ୨୩୦ ଭୋଲ୍ଟ ବିଦ୍ୟୁତ ଉତ୍ପାଦନ କରାଯାଇକି ଏକ ପୁରୁଣା ରେଫ୍ରିଜେଟର କ୍ୟାବିନେଟ ଏବଂ ଅପରିତ୍ୟକ୍ତ ଦୁଇ ଚକିଆ ଯାନକୁ ସୌର ଚାଳିତ ପନିପରିବା ଯାନରେ ରୂପାନ୍ତର କରାଯାଇଛି। ଏହା ବ୍ୟତୀତ ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ଅନୁଷ୍ଠାନ ପରିସରରେ ୩୫୦୦ ବର୍ଗ ଫୁଟ ଜାଗା ପୁନରୁଦ୍ଧାର କରାଯାଇକି ମିଆୱାକି ଅଫୋରେଷ୍ଟସନ ପାଇଁକି ପୂର୍ବପ୍ରସ୍ତୁତି କରାଯାଇଛି ଏବଂ ଏଠାରେ ପାଖାପାଖି ୪୫୦ ବୃକ୍ଷରୋପଣ କରାଯିବ ଆଗାମୀ ବର୍ଷାଋତୁରେ କ୍ଷ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ କର୍ମଚାରୀ ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

**ଛତ୍ରପୁର/ଗଞ୍ଜାମ:** ବିଶ୍ୱ ପରିବେଶ ଦିବସ ଅବସରରେ ଛତ୍ରପୁର ନିକଟରେ ଥିବା ମା' ରାମଚଣ୍ଡୀଙ୍କ ମନ୍ଦିର ପରିସରରେ ମା' ରାମଚଣ୍ଡୀ ଟ୍ରଷ୍ଟ, ମନ୍ଦିର ପରିଚାଳନା କମିଟି, ପୂଜା କମିଟି, ଓଏସଏପି ଅଷ୍ଟମ ବଟାଲିଆନ ଓ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର ମିଳିତ ଉଦ୍ୟମରେ ଏକ ବିଶାଳ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଓଏସଏପି ଅଷ୍ଟମ ବଟାଲିୟନର କମାଣ୍ଡାଣ୍ଟ ସାରଦା ପ୍ରସାଦ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି ମହତ କାର୍ଯ୍ୟକୁ ବୃକ୍ଷରୋପଣ କରି ଆରମ୍ଭ କରିଥିଲେ। ମନ୍ଦିର ଟ୍ରଷ୍ଟର ଅଧ୍ୟକ୍ଷ ବିନୋଦ ପାଢ଼ୀ, ଟ୍ରଷ୍ଟି ଟୁଲୁ ପଣ୍ଡା, ପରିଚାଳନା କମିଟିର ସଭାପତି ପ୍ରଶାନ୍ତ ନାୟକ, ସମ୍ପାଦକ ରବୀନ୍ଦ୍ର କୁମାର ପଣ୍ଡା, ସଂଯୋଜକ କମଳ ପଣ୍ଡା, ସହ ସଂଯୋଜକ ତୁଷାର ଶତପଥି, ପୂଜା କମିଟିର ଉପଦେଷ୍ଟା ତଥା ଛତ୍ରପୁର ଏସଡିଜେଏମ କୋର୍ଟର କ୍ୟାଡର ଏପିପି ରାଜେଶ କୁମାର ମିଶ୍ର, ତ୍ରିପତି ବାଲାଜୀ ମିଶ୍ର, କେ ସତ୍ୟନାରାୟଣ ରେଡ୍ଡୀ, ସନ୍ତୋଷ ମିଶ୍ର, ପୂଜା କମିଟି ସଭାପତି ଅଜୟ ନାୟକ, କାର୍ଯ୍ୟକାରୀ ସଭାପତି ଦିବାକର ନାୟକ, ଆଇନଜୀବୀ ଲସିତ ବରଣ ବେହେରା, ରାଜେନ୍ଦ୍ର ବେହେରା, ଜୀବନ କୁମାର ମହାରଣା, ସୁଧୀର ମହାରଣା, ସନ୍ତୋଷ ପଣ୍ଡା, ରାଜେଶ କୁମାର ନନ୍ଦ, ରୁଦ୍ରପ୍ରସାଦ ମିଶ୍ର, ମନୋଜ ମିଶ୍ର, ଦଣ୍ଡପାଣି ମହାରଣା, ବଂଶୀଧର ନାୟକ, ଟୁଟୁ ନାୟକ, ମାଧବ ସାସମଲ, ନାରାୟଣ ସାହୁ, ଜି ଗୋରେୟା ଓ ଉପେନ୍ଦ୍ର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଭୁବନେଶ୍ୱରର ସେବା ପ୍ରତିନିଧି ସ୍ୱେଚ୍ଛାସେବୀ ସଂଗଠନର ମୁଖ୍ୟ ନୀଳମଣି ମିଶ୍ର ଧନ୍ୟବାଦ ଦେଇଥିଲେ।

**ଛତ୍ରପୁର:** ଛତ୍ରପୁର ଠାରେ ବ୍ରହ୍ମପୁର ବନଖଣ୍ଡ ଦ୍ୱାରା ଗଞ୍ଜାମ ଜିଲ୍ଲାସ୍ତରୀୟ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଛି। ମୁଖ୍ୟ ଅତିଥି ରୂପେ ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ସୋନ୍ନି କକର ଯୋଗ ଦେଇ ଜମିର ପୁନରଉଦ୍ଧାର, ମରୁଭୁମି ଓ ମରୁଡିର ହ୍ରାସ ଉପରେ ଗୁରୁତ୍ୱ ଦେବା ସହିତ ପରିବେଶ ସନ୍ତୁଳନରେ ମୃତ୍ତିକାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ମୁଖ୍ୟବ୍ୟକ୍ତା ରୂପେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଡ. ଅଞ୍ଜନ କୁମାର ପୃଷ୍ଟି ଯୋଗଦେଇ ଆମ ଜୀବନ ଶୈଳୀରେ ପରିବର୍ତ୍ତନ କଲେ ପରିବେଶରେ ଦେଖା ଯାଇଥିବା ବିଭିନ୍ନ ସଙ୍କଟକୁ ରକ୍ଷା କର ଯାଇ ପାରିବ। ସମ୍ମାନିତ ଅତିଥିରୁପେ ଡିସିଏଫ ଦିଲ୍ଲୀପ କୁମାର ବାରିକ, ଅବୈତନିକ ବନ୍ୟାପ୍ରାଣୀ ତତ୍ତ୍ୱବଧାରକ ରବୀନ୍ଦ୍ର ନାଥ ସାହୁ, ବ୍ରହ୍ମପୁର ସହକାରୀ ବନ ସରକ୍ଷକ ମାଣିକେଶ୍ୱରୀ ହଂସଦା, ଛତ୍ରପୁର ସରସ୍ୱତୀ ବିଶ୍ୱବିଦ୍ୟାଳୟର ପ୍ରଧାନ ଶିକ୍ଷକ ରବୀନ୍ଦ୍ର ନାଥ ଦାସ, ସହକାରୀ ପ୍ରଫେସର ଡ. ରାକେଶ କୁମାର ମଞ୍ଚାସୀନ ଥିଲେ। ଗଞ୍ଜାମ ଇକୋ କ୍ଲବ ସମ୍ପାଦକ ଡ. ଶଙ୍କର ନାରାୟଣ ବେଜଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ପ୍ରାରମ୍ଭରେ ଏନସିସି ଏବଂ ସ୍କାଉଟ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ବ୍ୟାନର ଧରି ସଚେତନାର ବାର୍ତା ଦେଇ ଏକ ଶୋଭାଯାତ୍ରାରେ ବାହାରିଥିଲା। ବ୍ରହ୍ମପୁର ବନଖଣ୍ଡ ଅଧିକାରୀଙ୍କ ସହ ଛାତ୍ରଛାତ୍ରୀ ମାନେ ମିଶି ଟାମ୍ପରା ହ୍ରଦ ନିକଟରେ ଚାରା ରୋପଣ କରାଯାଇଥିଲା। ଛତ୍ରପୁର ଫରେଷ୍ଟର ଗିରୀଶ ଚନ୍ଦ୍ର ରଏ, ଛତ୍ରପୁର ବନରକ୍ଷୀ ତପନ କୁମାର ନନ୍ଦ, ଦିଗମ୍ବର ହୋତା, ହରିଶ ପାତ୍ର, ନୀଳମାଧବ ଜେନା, ସୋମନାଥ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ସହକାରୀ ବନ ସଂରକ୍ଷକ ମାଣିକେଶ୍ୱରୀ ହଂସଦା ଧନ୍ୟବାଦ ଅର୍ପଣ କରିଥିଲେ।

### ସଫିଂ ମଲ୍‌ରେ ଅଗ୍ନିକାଣ୍ଡ ଘଟଣା

# ୩ ଦିନ ହେଲା ନିଆଁ ଲିଭୁନି

**ପାରଳାଖେମୁଣ୍ଡି, ୫।୬(ସମିସ)**

ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସହରର ରାଜଦାଣ୍ଡରେ ଥିବା ବାରାଟମ୍ ସଫିଂ ମଲ୍‌ର ନିଆଁ ତିନି ଦିନ ହେଲା ଲିଭିନ ଥିବା ଦେଖାଯାଇଛି। ଗତ ରବିବାର ବିଳମ୍ବିତ ରାତିରେ କୌଣସି କାରଣରୁ ସଫିଂ ମଲ୍‌ରେ ନିଆଁ ଲାଗିଥିଲା। ପ୍ରଥମ ଦିନରେ ପାରଳାଖେମୁଣ୍ଡି ଅଗ୍ନିଶମ ବିଭାଗ ବହୁ କଷ୍ଟକରି ନିଆଁକୁ ଆୟତ୍ତ କରିଥିଲେ। ହେଲେ ୩ ଦିନ ହେଲା ଧୂଆଁ ବାହାରୁଥିବା ଲକ୍ଷ୍ୟ କରାଯାଇଛି। ବୁଧବାର ମଧ୍ୟ ଦମକଳବାହିନୀ ପକ୍ଷରୁ ୩ଟି ଦମକଳ ସହାୟତାରେ ନିଆଁକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା ଜାରି ରହିଥିଲା। ଏଠାରେ ପ୍ରଶ୍ନ ହେଉଛି ବାସ୍ତବରେ କେଉଁ କାରଣରୁ ସଫିଂ ମଲରେ ୩ ଦିନ ହେଲା ନିଆଁ ଲାଗିଛି। ଦମକଳବାହିନୀ ତିନି ଦିନ ହେଲା ନିଆଁକୁ ଲିଭାଇପାରୁନାହାଁନ୍ତି। ପ୍ରକାଶ ଯେ, ତିନି ମହଲା ବିଶିଷ୍ଟ ସଫିଂ ମଲରେ କେବଳ କପଡ଼ା ବା ପୋଷାକ ବିକ୍ରୟ ହେଉଥିଲା। ଅତ୍ୟାଧିକ ଷ୍ଟକ କିମ୍ବା ଉପଯୁକ୍ତ ରକ୍ଷଣାର ଅଭାବ ଓ ନିୟମିତ ବ୍ୟବଧାନରେ ସଫିଂ ମଲରେ ଲଗାଯାଇଥିବା ବିଦ୍ୟୁତ ବ୍ୟବସ୍ଥାର ତଦାରଖ ନ କରାଯିବା କାରଣରୁ ଏପରି ଘଟିଥାଇପାରେ ବୋଲି ଚର୍ଚ୍ଚା ହେଉଛି। ସଫିଂ ମଲରେ ପ୍ରାୟ ୪କୋଟି ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର କପଡ଼ା ବା ପୋଷାକ ରହିଥିଲା ବୋଲି ସଫିଂ ମଲ୍ ମାଲିକ ବି. ଶ୍ରୀକାନ୍ତ କହିଛନ୍ତି।




# ବିଜୟ ପ୍ରମାଣପତ୍ର ଗ୍ରହଣ କଲେ ଚକ୍ରମଣି କହଁର

**ବାଲିଗୁଡ଼ା, ୫।୬(ସମିସ):** ସବୁ ଅପେକ୍ଷାର ଅନ୍ତ ଘଟିଛି। ବିଜୁ ଜନତା ଦଳ ବିଧାୟକ ପ୍ରାର୍ଥୀ ତଥା ପୂର୍ବତନ ବିଧାୟକ ଚକ୍ରମଣି କହଁର ୧୬୭୧ ଭୋଟରେ ବାଲିଗୁଡା ବିଧାନସଭା ଆସନରେ ପୁଣି ଥରେ ବିଜୟୀ ହୋଇଛନ୍ତି। ମଙ୍ଗଳବାର ଫଳାଫଳ ଘୋଷଣା ହୋଇଥିବା ବେଳେ ବୁଧବାର ବାଲିଗୁଡା ଉପଜିଲ୍ଲାପାଳଙ୍କ ଠାରୁ ବିଜୟ ମାନପତ୍ର ଗ୍ରହଣ କରିଛନ୍ତି। ବାଲିଗୁଡାରେ ବିଜେଡି ବିଜୟ ମୁକୁଟ ପିନ୍ଧିଥିବା ବେଳେ ଦ୍ୱିତୀୟ ସ୍ଥାନରେ କଂଗ୍ରେସ ଓ ତୃତୀୟ ସ୍ଥାନରେ ବିଜେପି ପ୍ରାର୍ଥୀ ରହିଛନ୍ତି। ଚଳିତ ନିର୍ବାଚନ ମଣ୍ଡଳୀରେ ୩ ପ୍ରମୁଖ ରାଜନୈତିକ ଦଳ ପକ୍ଷରୁ ଉତ୍ତମ ପ୍ରାର୍ଥୀଙ୍କୁ ଟିକେଟ ମିଳିଥିବା ବେଳେ କଡ଼ା ଟକ୍କର ଭିତରେ ନିର୍ବାଚନ ହେଇଥିଲା। ଆଉ ଶେଷରେ ବିଜୟୀ ମୁକୁଟ ପିନ୍ଧିଲେ ବିଜେଡି ଦଳ ବିଧାୟକ ଚକ୍ରମଣି କହଁର। ସୂଚନା ଅନୁସାରେ ଚଳିତ ନିର୍ବାଚନରେ ପାଖାପାଖି ଶତକଡ଼ା ୭୦ ଭୋଟ ହେଇଥିବା ବେଳେ କଂଗ୍ରେସ ପ୍ରାର୍ଥୀ ୪୧୫୦୧, ବିଜେପି ପ୍ରାର୍ଥୀ ୩୦୮୦୮ ଓ ବିଜେଡି ପ୍ରାର୍ଥୀ ୪୩୧୦୧ ଖଣ୍ଡ ଭୋଟ ପାଇଥିଲେ। ବିଜୟୀ ହେବା ପରେ ଶ୍ରୀ କହଁର ପ୍ରଥମେ ବାଲିଗୁଡା ସହରର ଅଧିଷ୍ଠାତ୍ରୀ ଦେବୀ ମା ବରାଳଦେବୀଙ୍କ ଦର୍ଶନ କରିଥିଲେ। ତାପରେ ଦଳୀୟ କର୍ମୀ ଶ୍ରୀ କହଁରଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଜିତିବା ଖୁସିରେ ପରସ୍ପରକୁ ମିଠାଖୁଆଇ ଖୁସି ମନାଇଥିଲେ। ଅଗାମୀ ଦିନରେ ଅଞ୍ଚଳର ବିକାଶଧାରାକୁ ଆଗେଇ ନେବା ସହ ନିରନ୍ତର ଲୋକଙ୍କ ସେବା କରିବୁ ବୋଲି ଏହି ଅବସରରେ ଶ୍ରୀ କହଁର, ବାଲିଗୁଡା ନିର୍ବାଚନ ମଣ୍ଡଳୀ ସଂଯୋଜକ ଟୁନା ଦାସ, ତୁମୁଡିବନ୍ଧ ବ୍ଲକ ସଭାପତି ପ୍ରମୋଦ ସାହୁ ଓ ବାଲିଗୁଡା ନିର୍ବାଚନ ମଣ୍ଡଳୀର ପର୍ଯ୍ୟବେକ୍ଷକ ଅଜୟ ମହାରଣା କହିଛନ୍ତି।





# ଚାଲିଛି ୩ ରଥର ନିର୍ମାଣ କାମ

**ପାରଳାଖେମୁଣ୍ଡି, ୫।୬(ସମିସ):** ପାରଳାଖେମୁଣ୍ଡି ସହରରେ ରଥଯାତ୍ରା ନିମନ୍ତେ ରଥ ନିର୍ମାଣ କାର୍ଯ୍ୟ ଜୋରସୋରରେ ଚାଲିଥିବା ଦେଖାଯାଇଛି। ପୁରୀରେ ଯେପରି ରଥଯାତ୍ରା ନିମନ୍ତେ ଯେଉଁ ଭଳି ଭାବେ ନୀତିକାନ୍ତ ମଧ୍ୟରେ ଶ୍ରୀ ଜୀଉଙ୍କ ତିନୋଟି ରଥ ନିର୍ମାଣ ହୋଇଥାଏ ସେହିଭଳି ପାରଳାଖେମୁଣ୍ଡିରେ ମଧ୍ୟ ହୋଇଥାଏ। ପବିତ୍ର ଅକ୍ଷୟ ତୃତୀୟରେ ରଥ କାଠ ଅନୁକୁଳ ହେବା ପରେ ପାରଳାଖେମୁଣ୍ଡିରେ ତିନି ରଥ ନିର୍ମାଣ କାର୍ଯ୍ୟ ପାରମ୍ପାରିକ ଢଙ୍ଗରେ ଚାଲିଛି। ମୁଖ୍ୟ ମହାରଣା ଓ କମିଟି ସଦସ୍ୟଙ୍କ ପ୍ରତ୍ୟକ୍ଷ ତଦାରଖରେ ତିନିରଥ ନିର୍ମାଣ ହେଉଛି। ଏହି କାର୍ଯ୍ୟରେ ବହୁ ସଂଖ୍ୟକ ରଥ କାରିଗର ନିୟୋଜିତ ଅଛନ୍ତି।

# ବାଲିଗୁଡ଼ାରେ ବିଜେପିର ବିଜୟ ଉତ୍ସବ



**ବାଲିଗୁଡ଼ା, ୫।୬(ସମିସ):** କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ସହରରେ ବିଜେପି ପକ୍ଷରୁ ବିଜୟ ଉତ୍ସବକୁ ପାଳନ କରାଯାଇଛି। ବିଜେପି ଜିଲ୍ଲା ସଭାପତି ଜଗନ୍ନାଥ ସାହୁ ଏବଂ ବାଲିଗୁଡାର ସମସ୍ତ କର୍ମୀଙ୍କ ଉପସ୍ଥିତିରେ ବାଲିଗୁଡ଼ା ସହରରେ ବିଜୟ ଉତ୍ସବ ପାଳନ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା କାର୍ଯ୍ୟକାରୀ ସଦସ୍ୟ ସୁରେନ୍ଦ୍ର ପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପଦ୍ମ ଚରଣ ଦାସ, ଜିଲ୍ଲା ଉପସଭାନେତ୍ରୀ ସୁସୁମା ସାହୁ ଓ ଆଦିକନ୍ଦ ପଟ୍ଟନାୟକ ସାମିଲ ହୋଇଥିଲେ।

# ଭାଇ-ଭଉଣୀଙ୍କୁ ଆକ୍ରମଣ ମାମଲାରେ ୩ ଗିରଫ

**ବ୍ରହ୍ମପୁର, ୫।୬(ସମିସ):** ଭାବିନୀପୁର ଦାନୁଆ ସାହିର ମଳୟ ବେହେରା(ଛଦ୍ମନାମ) ଓ ତାଙ୍କ ଭଉଣୀଙ୍କୁ ଆକ୍ରମଣ ଘଟଣାରେ ନିମଖଣ୍ଡି ଥାନା ପୁଲିସ ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଦାନୁଆ ସାହିର ଅଶ୍ୱିନୀ କୁମାର ସାହୁ(୨୬), କାଳିଆ ବେହେରା(୨୦) ଓ ରୁଦ୍ର ସାହୁ(୨୨)। ସୂଚନାଯୋଗ୍ୟ ଯେ, ଗତ ୨୮ ତାରିଖରେ ମଳୟ ନିଜ ଘର ସମ୍ମୁଖରେ ବସିଥିବା ବେଳେ ରୁଦ୍ରଙ୍କ ସମେତ ଅନ୍ୟ ୨ଜଣ ଏକ ମୋଟର ସାଇକେଲରେ ସେଠାରେ ପହଞ୍ଚି ମଳୟଙ୍କୁ ଗାଳିଗୁଲଜ କରିଥିଲେ। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ମଳୟଙ୍କୁ ଜାତିଆଣ ଆକ୍ଷେପ କରି ଗାଳିଗୁଲଜ କରିଥିଲେ। ମଳୟ ଏହାର ପ୍ରତିବାଦ କରିଥିଲେ ମଧ୍ୟ ସେମାନେ ଖାତିର କରିନଥିଲେ। ଏହି ସମୟରେ ଅଭିଯୁକ୍ତ ଅଶ୍ୱିନୀ, କାଳିଆ ଓ ରଦ୍ର ସେଠାରେ ପହଞ୍ଚିଥିଲେ। ପରେ ରୁଦ୍ର ଓ ଅଶ୍ୱିନୀ ମିଳିତ ଭାବେ ମଳୟଙ୍କୁ ଖଣ୍ଡାରେ ମାରଣାନ୍ତକ ଆକ୍ରମଣ କରିଥିଲେ। ମଳୟ ଖଣ୍ଡାଟିକୁ ହାତରେ ଧରି ଦେବାରୁ ତାଙ୍କ ପାପୁଲି କଟି ଯାଇଥିଲା। ଏହା ଦେଖି ମଳୟଙ୍କ ବାପା ଓ ଭଉଣୀ ସେଠାରେ ପହଞ୍ଚି ପ୍ରତିବାଦ କରିବାରୁ ଅଭିଯୁକ୍ତମାନେ ସେମାନଙ୍କୁ ଅସଦାଚରଣ କରିବା ସହ ଆକ୍ରମଣ କରିଥିଲେ। ଏହା ଦେଖି ଗ୍ରାମବାସୀମାନେ ସେଠାରେ ଜମା ହୋଇଯିବା ପରେ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଚାଲି ଯାଇଥିଲେ। ଘଟଣାକୁ ନେଇ ମଳୟ ନିମଖଣ୍ଡି ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ବୁଧବାର ଉପରୋକ୍ତ ୩ଜଣ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଥିବା ପୁଲିସ କହିଛି।

### ● ମହିଳାଙ୍କୁ ଅପହରଣ ସନ୍ଦେହରେ ଗଣେଶଙ୍କୁ ଆକ୍ରମଣ!

# ମହିଳାଙ୍କ ସ୍ୱାମୀ ରୋହନଙ୍କ ସମେତ ୪ଜଣଙ୍କୁ ଖୋଜୁଛି ପୁଲିସ

**ବ୍ରହ୍ମପୁର, ୫।୬(ସମିସ):** ନିକଟରେ ସ୍ଥାନୀୟ ତୁଳସୀନଗରରେ ଡ୍ୟାନ୍ସ ନିର୍ଦ୍ଦେଶକ ଗଣେଶ ମିସ୍ତ୍ରୀଙ୍କୁ କିଛି ଦୁର୍ବୃତ୍ତ ସଂଘବଦ୍ଧ ଭାବେ ଖଣ୍ଡାରେ ଆକ୍ରମଣ କରିଥିଲେ। ଆକ୍ରମଣରେ ଗଣେଷ ଗୁରୁତର ଭାବେ ଆହତ ହୋଇଥିଲେ। ଘଟଣାକୁ ନେଇ ଗଣେଷଙ୍କ ପତ୍ନୀ ପତ୍ନୀ ମନିଷା ମିସ୍ତ୍ରୀ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଘଟଣାସ୍ଥଳରୁ ପୁଲିସ ସିସିଟିଭି ଫୁଟେଜ ସଂଗ୍ରହ କରି ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିବା ଜଣାପଡ଼ିଛି। ବର୍ତ୍ତମାନ ଆକ୍ରମଣ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି। ଖୁବଶୀଘ୍ର ପୁଲିସକୁ ଏହି ଘଟଣାରେ ସଫଳତା ମିଳିବ ବୋଲି ପୁଲିସ ଆଶା ରଖିଛି। ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଏହି ଘଟଣା ଘଟିଥିବା ପୁଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ, ଗତ ୩ତାରିଖ ସନ୍ଧ୍ୟାରେ ତୁଳସୀନଗର ନିବାସୀ ତଥା ଡ୍ୟାନ୍ସ ନିର୍ଦ୍ଦେଶକ ଗଣେଶ ମିସ୍ତ୍ରୀ ଘରକୁ ଫେରୁଥିବାବେଳେ ତୁଳସୀନଗର ୨ୟ ଲାଇନରେ ଥିବା ଏକ ମେଡିସିନ ଦୋକାନ ନିକଟରେ ରୋହନ ରାଓ ଓ ତାଙ୍କର ୩ଜଣ ସହଯୋଗୀ ଗଣେଷଙ୍କୁ ସଂଘବଦ୍ଧ ଭାବେ ଖଣ୍ଡାରେ ଆକ୍ରମଣ କରିଥିଲେ। ଗଣେଷ ଏହାର ପ୍ରତିବାଦ କରିବାରୁ ଦୁର୍ବୃତ୍ତମାନେ ଗଣେଷଙ୍କ ଦୁଇ ହାତକୁ ଖଣ୍ଡାରେ ଚୋଟ ପକାଇଥିଲେ। ଯାହାଫଳରେ ଗଣେଷ ଗୁରୁତର ଆହତ ହୋଇ ସ୍ଥାନୀୟ ଏମକେସିଜି ମେଡ଼ିକାଲରେ ଭର୍ତ୍ତି ହୋଇଥିଲେ। ଘଟଣାକୁ ନେଇ ଗଣେଷଙ୍କ ପତ୍ନୀ ମନିଷା ଟାଉନଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ରୋହନ ନାମକ ଜଣେ ବ୍ୟକ୍ତିଙ୍କ ପତ୍ନୀ କିଛିଦିନ ଧରି ନିଖୋଜ ଥିବାବେଳେ ଏଥିରେ ଗଣେଷଙ୍କର ହାତ ଥିବା ସନ୍ଦେହ କରି ଏହି ଆକ୍ରମଣ ହୋଇଥିବା ନେଇ ମନିଷା ଏତଲାରେ ଉଲ୍ଲେଖ କରିଛନ୍ତି। ତେବେ ଘଟଣା ପରଠାରୁ ଫେରାର ଥିବା ନିଖୋଜ ମହିଳାଙ୍କ ସ୍ୱାମୀ ରୋହନ ଧରାପଡ଼ିବା ପରେ ହିଁ ଗଣେଷଙ୍କ ଆକ୍ରମଣ ପଛରେ କାହାର ହାତ ରହିଛି ଓ କାରଣ କଣ ସ୍ପଷ୍ଟ ହେବ ବୋଲି ପୁଲିସ କହିଛି।

# ବ୍ରହ୍ମପୁର ପୁଲିସ କବ୍‌ଜାରେ ଆନ୍ଧ୍ରର କାର୍ ଚୋର

**ବ୍ରହ୍ମପୁର, ୫।୬(ସମିସ):** ସହରର ଏକାଧିକ ବ୍ୟକ୍ତିଙ୍କ କାର ନେଇ ଚମ୍ପଟ ମାରିଥିବା ଜଣେ ଯୁବକଙ୍କୁ ଟାଉନ ଥାନା ପୁଲିସ କାବୁ କରିଥିବା ଜଣାପଡ଼ିଛି। ଟାଉନ ଥାନା ପୁଲିସ ଉକ୍ତ ଚୋରକୁ ସାଙ୍ଗରେ ନେଇ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଏକାଧିକ ଚୋରି ଗାଡ଼ି ଉଦ୍ଧାର କରିଥିବା ସୂଚନା ମିଳିଛି। ତଦନ୍ତରେ ବାଧା ଉପୁଜିବା ଆଶଙ୍କା କରି ଅଟକ ଯୁବକଙ୍କ ନାମକୁ ଗୁପ୍ତ ରଖିଛି ପୁଲିସ। ଖୁବଶୀଘ୍ର ପୁଲିସ ଯୁବକଙ୍କ ନାମ ପ୍ରକାଶ କରିବା ସହ କାର ଚୋରି ଘଟଣାର ପର୍ଦାଫାସ କରିବ ବୋଲି ଜଣାପଡ଼ିଛି। ଉକ୍ତ ଯୁବକ ଜଣକ ଟାଉନ ଥାନା ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କ ନିକଟରେ ଡ୍ରାଇଭର ଭାବେ କାର୍ଯ୍ୟ କରୁଥିଲେ। ତେବେ ମାଲିକଙ୍କ ବିଶ୍ୱାସରେ ବିଷ ଦେଇ ସେ ବିଭିନ୍ନ ସ୍ଥାନରେ କାମ କରି ଗାଡି ଚୋରୀ କରୁଥିବା ଜଣାପଡ଼ିଛି। ସହରରେ ଗତ ଅକ୍ଟୋବର ମାସରେ ସ୍ଥାନୀୟ ନୀଳକଣ୍ଠ ନଗର ପ୍ରଥମ ଲାଇନରେ ଶିଶୁ ମଙ୍ଗଳ କମିଟି ସଦସ୍ୟା ସୌଦାମିନୀ ରଥଙ୍କୁ ତାଙ୍କ ଡ୍ରାଇଭର ଓ ତାର ସହଯୋଗୀ ହତ୍ୟା କରିଥିଲେ। ଏହି ଘଟଣାରେ ଗୋଷାଣିନୂଆଗାଁ ଥାନା ପୁଲିସ ଆଙ୍କୁଲି ଖଳାସାହି ନିବାସୀ ତଥା ଡ୍ରାଇଭର ସୀମାଞ୍ଚଳ ସାହୁ ଓରଫ ସୀମା ଓ ତା ସହଯୋଗୀ ବିଶ୍ୱନାଥ ସାହୁ ଓରଫ ବିରେନକୁ ଗିରଫ କୋର୍ଟଚାଲାଣ କରିଥିଲା। ଚୋରି କରିବା ଉଦ୍ଦେଶ୍ୟରେ ହିଁ ଉକ୍ତ ହତ୍ୟାକାଣ୍ଡ ହୋଇଥିଲା। ବର୍ତ୍ତମାନ ପୁଣି ଡ୍ରାଇଭର ସାଜି ମାଲିକଙ୍କ ବିଶ୍ୱାସଭାଜନ ହୋଇ ପରେ ବିଶ୍ୱାସରେ ବିଷ ଦେଇ ଗାଡି ଚୋରୀ କରିନେବା ଭଳି ଘଟଣା ପଦାକୁ ଆସିଛି। ପୁଲିସ କବଜାରେ ଥିବା କାର ଚୋର ଜଣକ ସହରର ବିଭିନ୍ନ ମାଲିକଙ୍କ ଠାରୁ ପ୍ରାୟ ୭ରୁ ଊର୍ଦ୍ଧ୍ୱ କାର ଚୋରି କରିନେଇଥିବା ଜଣାପଡ଼ିଛି। ଚୋରି କରିବା ବେଳେ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ବାହାନା କରି ଗାଡି ଧରି ଫେରାର ହୋଇଯାଉଥିଲେ ବ୍ୟକ୍ତି ଜଣକ। ଅଟକ କାର ଚୋର ଜଣକ ପଡୋଶୀ ଆନ୍ଧ୍ର ପ୍ରଦେଶର ବୋଲି ଜଣାପଡ଼ିଛି।

**● ଏକାଧିକ ଚୋରି ଗାଡ଼ି ଉଦ୍ଧାର**

# ମେଡିକାଲ୍ ଛାତ୍ରଙ୍କଠାରୁ ସୁନା ଝାମ୍ପିନେଲେ ଦୁର୍ବୃତ୍ତ

**ବ୍ରହ୍ମପୁର, ୫।୬(ସମିସ):** ଗୋପାଳପୁର ଥାନା ଅନ୍ତର୍ଗତ ଆମ୍ବପୁଆ ଲେବର କ୍ରସିଂ ନିକଟରେ ସୋମବାର ରାତିରେ ବ୍ରହ୍ମପୁର ମେଡିକାଲ ଛାତ୍ରଙ୍କଠାରୁ ଦୁର୍ବୃତ୍ତମାନେ ସୁନା ଝାମ୍ପି ନେଇଥିବା ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଛି।ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ସୂଚନାଯୋଗ୍ୟ ଯେ, ସୋମବାର ରାତିରେ ମେଡିକାଲ ଛାତ୍ର ସ୍ୱାଶତ ସୋମ୍ୟ ଜାଲି ଆମ୍ବପୁଆ ଲେବର କ୍ରସିଂଙ୍ଗ ବନ୍ଦ ରହିଥିବାରୁ ସେଠାରେ ଅପେକ୍ଷା କରିଥିଲେ। ସେହି ସମୟରେ ଦୁର୍ବୃତ୍ତ ମାନେ ପହଞ୍ଚି ତାଙ୍କ ଠାରୁ ଗୋଟିଏ ସୁନା ଚେନ ସହ ମନି ପର୍ସ ଥିବା କିଛି ଟଙ୍କା ଝାମ୍ପି ନେଇ ଯାଇଥିଲେ। ଏ ନେଇ ଛାତ୍ର ଜଣକ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପ୍ରକାରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ଶରତ କୁମାର ମାହାଲିକ ସୂଚନା ଦେଇଛନ୍ତି।

# ୭ମ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗ

**ବ୍ରହ୍ମପୁର, ୫।୬(ସମିସ):** ବ୍ୟାଡମିଣ୍ଟନ ପ୍ରଶିକ୍ଷଣ ଦେବା ବାହାନାରେ ଜଣେ ୭ମ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ ହୋଇଥିବା ନେଇ ବଡ଼ବଜାର ଥାନାରେ ଅଭିଯୋଗ ହୋଇଛି। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ସୂଚନାଯୋଗ୍ୟ ଯେ, ଆସିକାରୋଡ ଠାରେ ଥିବା ଏକ ଘରୋଇ ବିଦ୍ୟାଳୟରେ ୭ମ ଶ୍ରେଣୀରେ ପଢୁଥିବା ଛାତ୍ରୀ ଜଣକ ଗତବର୍ଷ ବିଦ୍ୟାଳୟ ପକ୍ଷରୁ ବ୍ୟାଡମିଣ୍ଟନ କ୍ଲବରେ ପ୍ରଶିକ୍ଷଣ ନେବାକୁ ମନୋନୀତ ହୋଇଥିଲେ। ସେହିକ୍ରମରେ ଅନ୍ୟ ସହପାଠୀଙ୍କ ସହ ଛାତ୍ରୀଜଣକ ସ୍ଥାନୀୟ ଏକ ଘରୋଇ ବ୍ୟାଡମିଣ୍ଟନ ପ୍ରଶିକ୍ଷଣ କେନ୍ଦ୍ରକୁ ଯାଇ ବ୍ୟାଡମିଣ୍ଟନ ଖେଳ ପ୍ରଶିକ୍ଷଣ ନେଉଥିଲେ। ତେବେ ପ୍ରଶିକ୍ଷଣ ଶେଷ ହେବାପରେ ତାଙ୍କୁ କେନ୍ଦ୍ରର ଜନୈକ ପ୍ରଶିକ୍ଷକ ପ୍ରମୋଦ ମହାଙ୍କୁଡ ନିଜ କୋଠରୀକୁ ଡାକି ଅସଦାଚରଣ କରିଥିଲେ। ଏଭଳି ବାରମ୍ବାର ଅସଦାଚରଣର ଶିକାର ହେବା ପରେ ଛାତ୍ରୀ ଜଣକ ଘରକୁ ଯାଇ ଘଟଣା ସମ୍ପର୍କରେ କହିଥିଲେ। ପରେ ପରିବାର ଲୋକେ ଏନେଇ ବଡବଜାର ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଘଟଣାର ତଦନ୍ତ ଜାରି ରଖିଛି।

### ● ୨୮୫୮ ଭୋଟରେ ଜିତିଲେ ବିଜେପି ପ୍ରାର୍ଥୀ ଉମାଚରଣ ମଲିକ

# ଫିରିଙ୍ଗିଆରେ ଉତ୍ସବର ମାହୋଲ



**ଫିରିଙ୍ଗିଆ, ୫।୬(ସମିସ):** ଚଳିତ ସାଧାରଣ ନିର୍ବାଚନରେ କନ୍ଧମାଳ ସଂସଦୀୟ କ୍ଷେତ୍ରର ଫୁଲବାଣୀ ନିର୍ବାଚନମଣ୍ଡଳୀ ବିଜେପି ବିଧାୟକ ପ୍ରାର୍ଥୀ ଉମାଚରଣ ମଲିକ ବିଜୟୀ ହୋଇଥିବାରୁ ଫିରିଙ୍ଗିଆରେ ଦଳୀୟ ସମର୍ଥକଙ୍କ ମଧ୍ୟରେ ଖସିଲର ଲହରୀ ଖେଳିଯାଇଛି। ସୂଚନା ଅନୁସାରେ ଫୁଲବାଣୀ ନିର୍ବାଚନ ମଣ୍ଡଳୀର ଏହି ଫିରିଙ୍ଗିଆ ବ୍ଲକ ସର୍ବ ବୃହତ ବ୍ଲକ। ସବୁଠୁ ଅଧିକ ଭୋଟର ଏହି ବ୍ଲକରେ ରହିଛନ୍ତି। ଏଥିପାଇଁ ପ୍ରତ୍ୟେକ ସାଧାରଣ ନିର୍ବାଚନରେ ଫିରିଙ୍ଗିଆ ବ୍ଲକ ଉପରେ ସମସ୍ତ ପ୍ରମୁଖ ରାଜନୈତିକ ଦଳର ନଜର ରହିଥାଏ। ସବୁ ନିର୍ବାଚନରେ ଫିରିଙ୍ଗିଆ ବ୍ଲକର ଭୋଟର ହିଁ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବା ସହ ପ୍ରାର୍ଥୀଙ୍କୁ ଜିତାଇବାରେ ସହାୟକ ହୋଇଥାନ୍ତି। ଚଳିତ ସାଧାରଣ ନିର୍ବାଚନରେ ମଧ୍ୟ ଏହି ବ୍ଲକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥିବା କୁହାଯାଉଛି। ଚଳିତ ନିର୍ବାଚନରେ ବିଜେଡି ଏହି ବ୍ଲକର ଜଣେ ମହିଳା ନେତ୍ରୀ ତଥା ଜିଲ୍ଲା ପରିଷଦ ସଭ୍ୟା ଜୟଶ୍ରୀ କହଁରଙ୍କ ଉପରେ ଆଶା ପ୍ରକଟ କରି ଟିକେଟ ଦେଇଥିବା ବେଳେ ବିଜେପି ଚକାପାଦ ବ୍ଲକ ଅଞ୍ଚଳର ଜଣେ ଟାଣୁଆ ନେତା ତଥା ସରପଞ୍ଚ ଉମାଚରଣ ମଲିକଙ୍କୁ ଟିକେଟ ଦେଇଥଲା। ତେବେ ଉଭୟ ବିଜେଡି ଓ ବିଜେପି ମଧ୍ୟରେ କଡା ଟକ୍କର ହୋଇଥିଲା। ବିଜେପି ପ୍ରାର୍ଥୀ ଶ୍ରୀ ମଲିକ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦୀ ବିଜେଡିର ଜୟଶ୍ରୀ କହଁରଙ୍କୁ ୨୮୫୮ ଭୋଟ ବ୍ୟବଧାନରେ ପରାସ୍ତ କରି ବିଜୟୀ ହୋଇଛନ୍ତି। ଫଳାଫଳ ଘୋଷଣା ହେବା ପରେ ଫିରିଙ୍ଗିଆ ସହରରେ ଅଞ୍ଚଳର ବିଜେପି ନେତା ଓ କର୍ମୀ ବିଜୟ ଉତ୍ସବ ପାଳନ କରିଥିଲେ

### ମିଳୁନି ଆବାସ ଯୋଜନାରେ ଘର

# ଭଙ୍ଗା କୁଡ଼ିଆରେ ବିତୁଛି ଜୀବନ

**ଫିରିଙ୍ଗିଆ, ୫।୬(ସମିସ)**

ରାଜ୍ୟ ଓ କେନ୍ଦ୍ର ସରକାର ଉପାନ୍ତ ଅଞ୍ଚଳରେ ବସବାସ କରୁଥିବା ଗରିବ, ଅସହାୟ ଲୋକଙ୍କ ପାଇଁ ଅନେକ ଯୋଜନା କରିଛନ୍ତି। ସେହି ଯୋଜନା ମଧ୍ୟରେ ଆବାସ ଯୋଜନା ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଏକ ପ୍ରମୁଖ ଯୋଜନା। ଏହି ଯୋଜନା ମାଧ୍ୟମରେ ଗରିବ ଲୋକଙ୍କୁ ସରକାର ପକ୍କାଘର ଯୋଗାଇ ଦେଉଥିବା ବେଳେ ଅନେକ ଜାଗାରେ ଏହି ଯୋଜନାରୁ ଅନେକ ଯୋଗ୍ୟ ହିତାଧିକାରୀ ବାଦ ପଡ଼ିଛନ୍ତି। ପ୍ରଶାସନର ଅବହେଳା ଓ ସ୍ଥାନୀୟ ରାଜନେତାଙ୍କ ଆନ୍ତରିକତାର ଅଭାବ ଯୋଗୁ ଅନେକ ଜାଗାରେ ଯୋଗ୍ୟ ହିତାଧିକାରୀ ଆବାସ ଯୋଜନାରୁ ବଞ୍ଚିତ ହେଉଥିବା ବେଳେ କିଛି ଅଞ୍ଚଳରେ ଥିଲାବାଲା ଲୋକଙ୍କୁ ଆବାସ ଯୋଜନାରେ ସାମିଲ କରାଯାଇ ଘର ଯୋଗାଇ ଦିଆଯାଇଥିବା ଅଭିଯୋଗ ହେଉଛି। ଆଉ କିଛିଜାଗାରେ କିଛି ପ୍ରଭାବଶାଳୀ ବ୍ୟକ୍ତିଙ୍କୁ ଘର ମିଳିଛି। କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକରେ ଏଭଳି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ଫିରିଙ୍ଗିଆ ବ୍ଲକ ଡିଣ୍ଡିରାଗାଁ ପଞ୍ଚାୟତର ୮ନମ୍ବର ୱାର୍ଡ ଲଦାପଦରଗାଁର ରଞ୍ଜିତ ଦିଗାଲ (୪୪) ଅତ୍ୟନ୍ତ ଗରିବ ଏବଂ ୨୫ ବର୍ଷରୁ ଅଧିକ ହେବ ଛୋଟିଆ ଚାଳଛପର ଘରେ ଚାରିପ୍ରାଣୀ ପରିବାରଙ୍କୁ ନେଇ ରହୁଥିଲେ ମଧ୍ୟ କର୍ତ୍ତୃପକ୍ଷଙ୍କ ତାଙ୍କ ଉପରେ ଦୃଷ୍ଟି ପଡ଼ି ନଥିବା ଅଭିଯୋଗ ହେଉଛି। ରଞ୍ଜିତ ପରିବାରର ଏକମାତ୍ର ରୋଜଗାରକ୍ଷମ ହୋଇଥିବା ବେଳେ ଗୋଟିଏ ପଟେ ପରିବାର ପ୍ରତିପୋଷଣର ଚିନ୍ତା ଓ ଅନ୍ୟପଟେ ଅର୍ଥଅଭାବରୁ ଘର ତିଆରି କରିବା ତାଙ୍କ ପକ୍ଷେ ସମ୍ଭବ ହୋଇପାରୁନାହିଁ। ସେ ବାରମ୍ବାର ଘର ପାଇଁ ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ପାଖରେ ପହଞ୍ଚି ବହୁବାର ଲିଖିତ ଓ ମୌଖିକ ଭାବରେ ଗୁହାରି କରିଆସୁଛନ୍ତି। କିନ୍ତୁ କର୍ତ୍ତୃପକ୍ଷ ନିରବ ରହିଥିବା ସେ କହିଛନ୍ତି। ଝାଟିମାଟି ଘରେ ପରିବାରର ଚାରି ଜଣ ସଦସ୍ୟଙ୍କୁ ନେଇ ବହୁକଷ୍ଟରେ ରହିଆସୁଛନ୍ତି ରଞ୍ଜିତ। ବର୍ଷା ହେଲେ ଜୀବନ କଟାଇବା କଷ୍ଟକର ହେଉଛି ବୋଲି କହିଛନ୍ତି। ଗତ୨୦୧୭ ମସିହା ମେ ୨୯ ତାରିଖରେ ହୋଇଥିବା ପଞ୍ଚାୟତର ପଲ୍ଲୀ ସଭାରେ ରଞ୍ଜିତର ନାମ ଥିଲା। କିନ୍ତୁ ଘର ପାଇବାରେ ତାଙ୍କ ନାମ କାଟି ଦିଆଯାଇଥିଲା। ତାଙ୍କ ନାମ କାହିଁକି କଟା ଯାଇଛି ତାହା ବର୍ତ୍ତମାନ ପ୍ରଶ୍ନବାଚୀ। ରଞ୍ଜିତଙ୍କ ସମସ୍ୟା ବିଷୟରେ ଫିରିଙ୍ଗିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନୁପ ଅଭିଷେକ ବେହେରାଙ୍କ ଦୃଷ୍ଟି ଆକର୍ଷଣ କରାଯିବାରେ ନିର୍ବାଚନ ଆଚରଣ ବିଧି ଉଠିଲା ପରେ ତଦନ୍ତ କରାଯିବ। ହିତାଧିକାରୀ ଜଣକ ଯଦି ଯୋଗ୍ୟ ହୋଇଥିବେ ତାହେଲେ ତାଙ୍କୁ ଆବାସ ଯୋଜନାରେ ଘର ଯୋଗାଇ ଦେବା ପାଇଁ ତୁରନ୍ତ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।








■ ସାବିତ୍ରୀ ଅମାବାସ୍ୟା ପାଇଁ ଚଳଚଞ୍ଚଳ ରେଶମ ସହର ବ୍ରହ୍ମପୁର

# ବସ୍ତ୍ରାଳୟରେ ଭିଡ଼, କଟନ ଶାଢ଼ିର ଚାହିଦା ଅଧିକ



**ବ୍ରହ୍ମପୁର,୫ ।୬(ସମିସ):** ଆଜି ପବିତ୍ର ସାବିତ୍ରୀ ବ୍ରତ। ଯାହାକୁ ଦୃଷ୍ଟିରେ ରଖି ରେଶମ ସହର ବ୍ରହ୍ମପୁରର ବିଭିନ୍ନ ବଜାରରେ ଗ୍ରାହକଙ୍କ ବେଶ ଭିଡ ପରିଲକ୍ଷିତ ହୋଇଛି। ପୂଜା ପାଇଁ ଲୋକେ ପୂଜାସାମଗ୍ରୀ ସହ ନୂତନ ବସ୍ତ୍ର କ୍ରୟ କରୁଥିବା ଦେଖିବାକୁ ମିଳିଛି। ପରମ୍ପରା ଅନୁଯାୟୀ ବ୍ରତ ପାଳନ ଅବସରରେ ସାଧାରଣତଃ ସଧବା ମହିଳାମାନେ ନୂତନ ଶାଢ଼ୀ ପରିଧାନ କରିବାର ପରମ୍ପରା ରହିଛି। ଯାହାକୁ ନେଇ ବସ୍ତ୍ରାଳୟ ଗୁଡିକରେ ଦମ୍ପତିଙ୍କ ଭିଡ଼ ଜମାଇଛନ୍ତି। ଦକ୍ଷିଣ ଓଡ଼ିଶାର ବ୍ୟବସାୟିକ ପେଣ୍ଠସ୍ଥଳୀ ଭାବେ ପରିଚିତ ବ୍ରହ୍ମପୁରର ବଡ଼ ବଜାର, ସାନ ବଜାର, ହନୁମାନ ବଜାର, ଅନ୍ନପୂର୍ଣ୍ଣା ମାର୍କେଟ ଓ ପୁରୁଣା ବସଷ୍ଟାଣ୍ଡ ଆଦି ବିଭିନ୍ନ ସ୍ଥାନରେ ପ୍ରାୟ ସମସ୍ତ ଶାଢୀ ଦୋକାନରେ ଏହି ଭିଡ ପରିଲକ୍ଷିତ ହୋଇଛି। ଖାସ କରି ସିଫନ ଶାଢୀ, ଫ୍ୟାନ୍ସି ଶାଢୀ, କଟନ ଶାଢୀ, ସମ୍ବଲପୁରୀ ଶାଢୀ ସମେତ ମିକ୍ସ କଟନ ଭଳି ବିଭିନ୍ନ ପ୍ରକାରର ଶାଢୀ ଅଧିକ ବିକ୍ରି ହୋଇଥିଲେ ହେଁ ପ୍ରଚଣ୍ଡ ଖରା ଓ ଗୁଳୁଗୁଳି ଯୋଗୁଁ ଚଳିତ ସାବିତ୍ରୀ ଅମାବାସ୍ୟାରେ କଟନ ଲୁଗା ବା ସୂତା ଶାଢୀର ଚାହିଦା ଅଧିକ ରହିଛି। କଟନ ଶାଢୀ ୨ଶହ ଟଙ୍କାରୁ ଆରମ୍ଭ କରି ୨ହଜାର ଟଙ୍କା ପର୍ଯ୍ୟନ୍ତ ରହିଥିବା ବେଳେ ସେଗୁଡିକ ମୁମ୍ବାଇ, କୋଲକୋତା, ଗୁଜରାଟ ଓ ରାଜସ୍ଥାନରୁ ଆମଦାନୀ ହୋଇଥାଏ। ଏହାଛଡା ବଜାରରେ ତାମିଲନାଡୁରୁ ଆମଦାନୀ ହୋଇଥିବା ମିକ୍ସ କଟନ ଶାଢୀର ମଧ୍ୟ ଚାହିଦା ବେଶ ଥିବା ଦେଖିବାକୁ ମିଳିଛି। ଯାହାର ମୂଲ୍ୟ ୩୫୦ ଟଙ୍କାରୁ ଆରମ୍ଭ କରି ୧୫୦୦ଟଙ୍କା ପର୍ଯ୍ୟନ୍ତ ରହିଛି। ସେହିପରି ସମ୍ବଲପୁରୀ ଓ ସିଫନ ଶାଢ଼ୀର ମଧ୍ୟ ସ୍ୱତନ୍ତ୍ରତା ରହିଛି। ସହରରେ ପ୍ରାୟ ୧୫ଶହରୁ ଉର୍ଦ୍ଧ୍ୱ ଖୁଚୁରା ଶାଢ଼ୀ ବ୍ୟବସାୟୀ ଥିବାବେଳେ ୧୦୦ରୁ ଉର୍ଦ୍ଧ୍ୱ ହୋଲସେଲ ବ୍ୟବସାୟୀ ଅଛନ୍ତି। ଏଠାରୁ ଜିଲ୍ଲା ବାହାରୁ ଅର୍ଥାତ୍ ରାୟଗଡା, ମୁନିଗୁଡା, ନୟାଗଡ, ଗଜପତି ଓ କନ୍ଧମାଳ ଭଳି ଦକ୍ଷିଣଓଡ଼ିଶାର ବିଭିନ୍ନ ସ୍ଥାନରୁ ବ୍ୟବସାୟୀମାନେ ସାବିତ୍ରୀ ଅମାବାସ୍ୟା ସମୟରେ ଲକ୍ଷାଧିକ ଟଙ୍କାର ବିଭିନ୍ନ ପ୍ରକାରର ଶାଢ଼ୀ କ୍ରୟ କରି ନେଇଥାନ୍ତି। ସେହିପରି ସାବିତ୍ରୀ ଓଷାରେ ବାପଘରୁ ଝିଅଙ୍କ ପାଖକୁ ଶାଢ଼ୀ, ଚୁଡ଼ି, ଶୃଙ୍ଗାର ସାମଗ୍ରୀ ସମେତ ଫଳମୂଳ, ମୂଗ, ନଡ଼ିଆ ଇତ୍ୟାଦି ଅମାବାସ୍ୟା ଭାର ଆସିଥାଏ। ଶାଢ଼ୀର ପ୍ରାଧାନ୍ୟତା ଯୁଗ ଯୁଗ ଧରି ଚାଲି ଆସୁଛି ଓ ଆଗକୁ ମଧ୍ୟ ଜାରି ରହିବ। ଆଧୁନିକ ଯୁଗକୁ ତାଳଦେଇ ଶାଢୀର ଫେସନର ନବୀକରଣ ସହ ଦିନକୁ ଦିନ ବ୍ୟବସାୟରେ ଅଭିବୃଦ୍ଧି ଘଟୁଥିବା କହିଛନ୍ତି ହୋଲସେଲ ବ୍ୟବସାୟୀ କେ. ସିଦ୍ଧାର୍ଥ। ଅନ୍ୟପକ୍ଷରେ ସାବିତ୍ରୀ ଅମାବାସ୍ୟା ନିମନ୍ତେ ସହରରେ ବିଭିନ୍ନ ସ୍ଥାନରେ ପଣସ, ତାଳ, ଲିଚୁ, ଆମ୍ବ, ସପୁରୀ ଆଦି ବିଭିନ୍ନ ପ୍ରକାରର ଫଳ ବିକ୍ରି ଯୋଗୁଁ ସେଠାରେ ମଧ୍ୟ ଗ୍ରାହକଙ୍କ ଭିଡ଼ ଜମିଥିବା ଦେଖିବାକୁ ମିଳିଛି।

## ବ୍ରହ୍ମପୁର ବିଧାୟକ କେ. ଅନିଲଙ୍କ ବିଜୟ ଶୋଭାଯାତ୍ରା



**ବ୍ରହ୍ମପୁର,୫ ।୬(ସମିସ):** ବ୍ରହ୍ମପୁର ବିଧାନସଭା କ୍ଷେତ୍ରରୁ ବିଜେପି ବିଧାୟକ ପ୍ରାର୍ଥୀ କେ ଅନିଲ କୁମାର ବିଜୟୀ ହୋଇଛନ୍ତି। ଏନେଇ ବୁଧବାର ଅପରାହ୍ନରେ ସେ ଦଳୀୟ କର୍ମୀ ଓ ସମର୍ଥକଙ୍କୁ ନେଇ ବିଜୟ ଶୋଭାଯାତ୍ରାରେ ବାହାରିଥିଲେ। ଏହି ସମୟରେ ସେ ବ୍ରହ୍ମପୁର ଜନସାଧାରଣଙ୍କୁ ମିଶିବା ସହ ଏହି ବିଜୟର ଶ୍ରେୟ ତାଙ୍କୁ ପ୍ରଦାନ କରିଥିଲେ। ତାଙ୍କୁ ବ୍ରହ୍ମପୁର ବିଧାୟକ ରୂପେ ଚୟନ କରିଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି। ଏ ଅବସରରେ ଶୋଭାଯାତ୍ରା ଗାନ୍ଧି ନଗର ସ୍ଥିତ ମହାମାୟୀ କଲେଜ ନିକଟରୁ ବାହାରି ସାରା ସହର ପରିକ୍ରମା କରିଥିଲା। ଏହି ଶୋଭାଯାତ୍ରାରେ ଗଞ୍ଜାମ ଜିଲ୍ଲା ସଭାପତି ଡା ସୁବାସ ସାହୁ, ବରିଷ୍ଠ ନେତା କାହ୍ନୁ ପତି, ଅଶୋକ ଶୁକ୍ଳା, ବବିତା ପାତ୍ର, ପ୍ରଭାତ କିରଣ ଶଡଙ୍ଗୀ, ସୁନିଲ ସାହୁ, ଟୁଟୁନ ପାତ୍ର, ସଞ୍ଜୟ ଜେନା, ଶରତ ପଟ୍ଟନାୟକ, ଟି ଗୋପି, ସୁନିଲ କୁମାର, ବିଜେପି ନେତା ପୀତବାସ ପଣ୍ଡା, ଅଶୋକ କୁମାର ଶୁକ୍ଳ, ପୂର୍ବତନ ବିଇଡ଼ିଏ ଅଧ୍ୟକ୍ଷ ଶରତ ପଟ୍ଟନାୟକ, ବଦ୍ରି ନାୟକ, ମଦନ ମୋହନ ପାତ୍ର, ଏଲ ଗୋପି, ସଞ୍ଜୟ ଜେନା, ଲୋକନାଥ କର, ନିବେଦିତା ପାଢୀ, ଜିଲ୍ଲା ସମ୍ପାଦିକା ରତ୍ନଗର୍ଭା ସରସ୍ୱତୀ, ବବିତା ପାତ୍ର, ମମିତା ଦାସ, କେ ଅନିଲଙ୍କ ଧର୍ମପତ୍ନୀଙ୍କ ସମେତ ବହୁ ବରିଷ୍ଠ ନେତା ସାମିଲ ହୋଇଥିଲେ।

**ସରକାରୀ ନିର୍ଦ୍ଦେଶନାମାର ଖୋଲାଖୋଲି ଉଲ୍ଲଂଘନ**

# ମୁଣ୍ଡଫଟା ଖରାରେ କାମ କରୁଛନ୍ତି ଶ୍ରମିକ



**ଅଂଶୁଘାତ ମାର୍ଗଦର୍ଶିକାର ହେଉନି ଅନୁପାଳନ, ଶ୍ରମବିଭାଗ ଚୁପ୍**

**ବ୍ରହ୍ମପୁର,୫ ।୬(ସମିସ):** ଦିନକୁ ଦିନ ବୃଦ୍ଧି ପାଉଥିବା ରୌଦ୍ରତାପ ଓ ଏଥିଜନିତ ସମ୍ଭାବ୍ୟ ଅଂଶୁଘାତକୁ ରୋକିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ମାର୍ଗଦର୍ଶିକ ଜାରି କରାଯାଇଛି। ସ୍ୱତନ୍ତ୍ର ରିଲିଫ କମିଶନର ଏନେଇ ସମସ୍ତ ଜିଲ୍ଲାପାଳମାନଙ୍କୁ ଚିଠି ଲେଖି ମାର୍ଗଦର୍ଶିକାକୁ କଡାକଡି ପାଳନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଦିନ ୧୧ଟା ଠାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଖୋଲା ଆକାଶ ତଳେ କେହି କାମ ନକରିବାକୁ ସ୍ପଷ୍ଟ ନିର୍ଦ୍ଦେଶ ଦିଆଯାଇଛି। ଏପରିକି ବିଭିନ୍ନ ଡାକ୍ତରଖାନାରେ ସ୍ୱତନ୍ତ୍ର ଅଂଶଘାତ ୱାର୍ଡର ବ୍ୟବସ୍ଥା କରାଯାଇ ଜରୁରୀକାଳୀନ ସ୍ୱାସ୍ଥ୍ୟସେବା ପ୍ରଦାନ ନିମନ୍ତେ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ନିକଟରେ ହଠାତ୍ ପାରଦ ଉପରକୁ ଉଠିବା ଓ ତାପମାତ୍ରା ଅସ୍ୱାଭାବିକ ଭାବେ ବଢିବା କାରଣରୁ ରାଉରକେଲାରେ ବହୁ ଲୋକଙ୍କ ମୃତ୍ୟୁ ଘଟିଥିଲା। ଯାହା ସମସ୍ତଙ୍କ ପାଇଁ ଚିନ୍ତା ବଢାଇ ଦେଇଥିଲା। ତେବେ ଏଭଳି ଘଟଣା ପରେ ମଧ୍ୟ ଅଂଶୁଘାତ ଜନିତ ମୃତାହତକୁ ରୋକିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି ହୋଇଥିବା ମାର୍ଗଦର୍ଶିକାକୁ ପାଳନ କରାଯାଉନଥିବା ଦେଖିବାକୁ ମିଳୁଛି। ସବୁଠାରୁ ବଡକଥା ହେଲା ପ୍ରତିଥର ଭଳି ଚଳିତ ଥର ମଧ୍ୟ କର୍ମଚାରୀଙ୍କ ଅଭାବ ଆଳରେ ହାତ ବାନ୍ଧି ବସିଛି ଶ୍ରମବିଭାଗ। ଏନେଇ ବାରମ୍ବାର ଗଣମାଧ୍ୟମ ଜରିଆରେ ଦୃଷ୍ଟି ଆକର୍ଷଣ କରାଯାଉଥିଲେ ହେଁ ଶ୍ରମବିଭାଗ ନୀରବଦ୍ରଷ୍ଟା ସାଜିବା ସମସ୍ତଙ୍କୁ ଚକିତ କରିଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଜାରି ହୋଇଥିବା ମାର୍ଗଦର୍ଶିକାର ଆଦୌ ଅନୁପାଳନ ହେଉନଥିବା ଦେଖିବାକୁ ମିଳୁଛି। ଖୋଲାଆକାଶ ତଳେ ପ୍ରଚଣ୍ଡ ରୌଦ୍ରତାପରେ ନିର୍ମାଣ ଶ୍ରମିକମାନେ କାର୍ଯ୍ୟ କରୁଥିବା ଦେଖିବାକୁ ମିଳୁଛି। ଏପରିକି ଅନେକ ସ୍ଥାନରେ ଠିକାଦାରମାନଙ୍କ ପକ୍ଷରୁ କାର୍ଯ୍ୟରତ ଶ୍ରମିକଙ୍କ ପାଇଁ ପାନୀୟ ଜଳ କିମ୍ବା ବିଶ୍ରାମ ନେବା ପାଇଁ ଛାଇ ବା ସେଡର ବ୍ୟବସ୍ଥା କରାଯାଇନଥିବା ଦେଖିବାକୁ ମିଳିଛି। ଆଗକୁ ତାପମାତ୍ରା ଆହୁରି ଅଧିକ ବୃଦ୍ଧି ପାଇବା ନେଇ ପାଣିପାଗ ବିଭାଗ ଆକଳନ କରୁଥିବା ବେଳେ କୌଣସି ଅଘଟଣ ଘଟିବା ପୂର୍ବରୁ ଅଂଶୁଘାତ ଜନିତ ମୃତାହତକୁ ରୋକିବା ପାଇଁ ଜାରି ହୋଇଥିବା ସରକାରୀ ମାର୍ଗଦର୍ଶିକାକୁ କଡାକଡି ଭାବେ ପାଳନ କରିବାକୁ ସାଧାରଣରେ ଦାବୀ ହୋଇଛି।

# କୃଷି ବିଜ୍ଞାନ କେନ୍ଦ୍ରରେ ବିଶ୍ୱ ପରିବେଶ ଦିବସ ପାଳିତ




**ବ୍ରହ୍ମପୁର,୫ ।୬(ସମିସ):** ଗୋଳନ୍ଥରା ସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ଆନୁକୂଲ୍ୟରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସୁଧାଂଶୁ କୁମାର ନନ୍ଦ, ନାବାଡର୍‌ର ପ୍ରବନ୍ଧକ ଡ଼ ସଂଜୀବ ମିଶ୍ର, ଆତ୍ମାର ଅଜିତ କୁମାର ମହାପାତ୍ର ଅତିଥିଭାବେ ଯୋଗ ଦେଇଥିଲେ। ଏ ଅବସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅୟୋଜିତ ହୋଇଥିଲା। ଏହାପରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପରିବେଶ ସଚେତନତା ନେଇ ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତି ମତବ୍ୟକ୍ତ କରିଥିଲେ। ଏଥିରେ ସୁଦୂର ତାମିଲନାଡୁର ରାଜ୍ୟରୁ କ୍ଷେତ୍ର ପ୍ରଶିକ୍ଷଣ ନିମନ୍ତେ ଆସଥିବା ନାବାର୍ଡ ବ୍ୟାଙ୍କର ତିନିଜଣ ସହାକୟ ପ୍ରବନ୍ଧକ କେ ଭି ରମେଶ, ସୂର୍ଯ୍ୟ ପ୍ରଭୂ, ମଣି ଭିଙ୍କ ସମେତ ନିମନ୍ତ୍ରିତ ଅତିଥି, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଗଣ ଆଗୁଆ ଚାଷୀମାନେ ଯୋଗ ଦେଇଥିଲେ। କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ଼ ସୁଜିତ କୁମାର ନାଥ ସଭାରେ ପୌରହିତ୍ୟ କରିଥିବା ବେଳେ ଆମ ଭୂମି ଆମ ଭବିଷ୍ୟତ ବୋଲି କହିଥିଲେ।

**ଟାଟା ଷ୍ଟିଲ୍ ଫାଉଣ୍ଡେସନ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର କାର୍ଯ୍ୟକ୍ରମ**

# ବିଶ୍ୱ ପରିବେଶ ଦିବସ ପାଳିତ

**ବ୍ରହ୍ମପୁର,୫ ।୬(ସମିସ):** ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ବ୍ରହ୍ମପୁର ଶାଖା ଓ ଟାଟା ଷ୍ଟିଲ ସ୍ପେସିଆଲ ଇକୋନୋମିକ ଜୋନର ସହଭାଗିତାରେ ଟାଟା ଷ୍ଟିଲ ଫାଉଣ୍ଡେସନ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ସରକାରୀ ଶିଳ୍ପତାଲିମ ଅନୁଷ୍ଠାନର ପ୍ରେକ୍ଷାଳୟରେ ଅନୁଷ୍ଠିତ ଏହି ବର୍ଣ୍ଣାଢ଼୍ୟ କାର୍ଯ୍ୟକ୍ରମରେ ପରିବେଶ ସୁରକ୍ଷା ଉପରେ ସଚେତନତା ସୃଷ୍ଟି ପାଇଁ ଅନେକ ଅଭିନବ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ପ୍ରତି ବର୍ଷ ଜୁନ ୫ତାରିଖକୁ ବିଶ୍ୱ ପରିବେଶ ଦିବସ ଭାବେ ପାଳନ କରାଯାଉଥିବା ବେଳେ, ଏହାକୁ ଆହୁରି ସଚେତନଧର୍ମୀ କରିବା ପାଇଁ ଫାଉଣ୍ଡେସନ ପକ୍ଷରୁ ଗତ ୨ତାରିଖ ଠାରୁ ଅଞ୍ଚଳର ୩୦୦ରୁ ଉର୍ଦ୍ଧ୍ୱ ସ୍କୁଲ ଏବଂ କଲେଜ ଛାତ୍ରଛାତ୍ରୀଙ୍କୁ ନେଇ ଚିତ୍ରାଙ୍କନ ପ୍ରତିଯୋଗିତାର ଆୟୋଜିତ ହୋଇଥିଲା। ଚଳିତ ବର୍ଷ ପ୍ରତିଯୋଗିତାରେ ''ଶୁଷ୍କ ଜମି ପୁନଃରୁଦ୍ଧାର, ମରୁଡ଼ିର ମୁକାବିଲା' ବିଷୟବସ୍ତୁ ଉପରେ ଆଧାରିତ ଚିତ୍ର ମାଧ୍ୟମରେ ଜମି ଓ ଇକୋ ସିଷ୍ଟମର ପୁନରୁଦ୍ଧାର, ପରିବେଶର ବିବିଧତାକୁ ରକ୍ଷା କରିବା ଏବଂ ଜଳବାୟୁ ପରିବର୍ତ୍ତନ ସହିତ ମୁକାବିଲା କରିବା ଉଦ୍ଦେଶ୍ୟରେ ଜନ ସଚେତନତା ସୃଷ୍ଟି କରାଯାଇଥିଲା। ଏକ ଦୀର୍ଘସ୍ଥାୟୀ ଭବିଷ୍ୟତ ସୁନିଶ୍ଚିତ କରିବା ତଥା ଯୁବପିଢିଙ୍କୁ ପରିବେଶ ସୁରକ୍ଷାର ଗୁରୁତ୍ୱ ଉପରେ ସମାଜକୁ ବାର୍ତ୍ତା ଦେବା ଲକ୍ଷ୍ୟରେ ଫାଉଣ୍ଡେସନ ପକ୍ଷରୁ ସଚେତନତା ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ଏଥିରେ ସରକାରୀ ପଦାଧିକାରୀ, ବେସରକାରୀ ଅନୁଷ୍ଠାନ, ଛାତ୍ରଛାତ୍ରୀ ତଥା ଶିକ୍ଷାନୁଷ୍ଠାନଗୁଡିକର ପ୍ରତିନିଧିମାନେ ସକ୍ରିୟ ଅଂଶଗ୍ରହଣ କରି ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ସନ୍ନି ଖୋଖର, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ଅଧିକାରୀ ଦିପକ କୁମାର ସାହୁ, ଟାଟା ଷ୍ଟିଲ ସ୍ପେଶିଆଲ ଇକୋନୋମିକ ଜୋନ ପ୍ରକଳ୍ପ ମୁଖ୍ୟ ସୌରଭ ସୁଗନ୍ଧ, ଟାଟା ଷ୍ଟିଲ ଫେରୋ ଆଲଏଜ ପ୍ଲାଣ୍ଟ ମୁଖ୍ୟ ଅଟଲା ରାମବାବୁ, ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନର ଅଧ୍ୟକ୍ଷ ଇଂ. ରଜତ କୁମାର ପାଣିଗ୍ରାହୀ ଓ ଟାଟା ଷ୍ଟିଲ ଫାଉଣ୍ଡେସନର ଗୋପାଳପୁର ୟୁନିଟ୍ ମୁଖ୍ୟ ରକି ମାର୍ଟିନ ପ୍ରମୁଖ ଉପସ୍ଥିତ ଥିଲେ।

# ଅବନୀ କୁମାର ବରାଳଙ୍କର ଜୟନ୍ତୀ ପାଳନ





**ବ୍ରହ୍ମପୁର,୫ ।୬(ସମିସ):** ସ୍ଥାନୀୟ ପ୍ରେମନଗର ୭ ଲାଇନସ୍ଥିତ ଓଷ୍ଟା କାର୍ଯାଳୟ ସମ୍ମିଳନୀ ଗୃହରେ ଗଞ୍ଜାମ ଜିଲ୍ଲା ଶାଖା ପକ୍ଷରୁ ଅବନୀ କୁମାର ବରାଳଙ୍କର ୯୦ତମ ଜୟନ୍ତୀ ପାଳିତ ହୋଇଯାଇଛି। ମହାସଂଘର ଗଞ୍ଜାମ ଜିଲ୍ଲା ଉପ ସଭାପତି ଯୋଗିତା ବାଳୀ ପାଣିଗ୍ରାହୀଙ୍କ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ରବି ରଥ, ବରିଷ୍ଠ ସାମ୍ବାଦିକ ବିଘ୍ନେଶ୍ୱର ସାହୁ, ଓଷ୍ଟାର ଗଞ୍ଜାମର ପ୍ରାକ୍ତନ ସଂପାଦକ ତଥା ରାଜ୍ୟ ଓଷ୍ଟାର ପ୍ରାକ୍ତନ କୋଷାଧ୍ୟକ୍ଷ କାମରାଜୁ ମହାରଣା, ଓଷ୍ଟା ଗଞ୍ଜାମର ସଂପାଦକ ବିଜୟ କୁମାର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ସ୍ୱର୍ଗତ ବରାଳ ଓଡିଶା ଶିକ୍ଷକ ସମାଜର ତ୍ରାଣକର୍ତ୍ତା, ନିଖିଳ ଉତ୍କଳ ଶିକ୍ଷକ ମହାସଂଘର ପ୍ରତିଷ୍ଠାତା ଥିଲେ। କାର୍ଯ୍ୟକ୍ରମରେ ସ୍ୱର୍ଗତ ବରାଳଙ୍କର ଶିକ୍ଷକ ସମାଜ ପ୍ରତି ଅବଦାନ, ଓଡ଼ିଶାର ଶିକ୍ଷା ବ୍ୟବସ୍ଥା ପ୍ରତି ନିଜର ଯୁଗାନ୍ତକାରୀ ଦିଗ୍‌ଦର୍ଶନ ଉପରେ ଆଲୋଚନା କରିଥିଲେ। ମହାସଂଘର ସମ୍ପାଦକ ଅଶୋକ କୁମାର ଦଳାଇ ଅତିଥି ପରିଚୟ ଓ ଉତ୍ସବର ଉଦ୍ଦେଶ୍ୟ ଜ୍ଞାପନ ସହ ବିବରଣୀ ପ୍ରଦାନ କରିଥିଲେ। ସଂପାଦକ କୈଳାସ ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଘର ଦକ୍ଷିଣାଞ୍ଚଳ ସଭାପତି ପ୍ରଶାନ୍ତ କୁମାର ପାତ୍ର, ଶ୍ୟାମ ସୁନ୍ଦର ଖାଡଙ୍ଗା, ରାମ ଚନ୍ଦ୍ର ପୋଲାଇ, କୋରେଶ ଚନ୍ଦ୍ର ଶତପଥୀ, ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ରାଜନ୍ଦ୍ର କୁମାର ପଣ୍ଡା, ସେବା ନିବୃତ୍ତ ବିକାଶ ମଞ୍ଚର ସଂପାଦକ ପ୍ରଦୀପ କୁମାର ସାହୁ, ରାଜ୍ୟ ମହାସଂଘର ଯୁଗ୍ମ ସାଧାରଣ ଦେବହରି ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

**ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର**

# ଦଶମ ଶ୍ରେଣୀ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ସମ୍ବର୍ଦ୍ଧନା






**ବ୍ରହ୍ମପୁର,୫ ।୬(ସମିସ):** ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ନୀଳକଣ୍ଠ ନଗରରେ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କର ସମ୍ବର୍ଦ୍ଧନା ଉତ୍ସବ ପରିଚାଳନା ସମିତିର ସମ୍ପାଦକ ନାରାୟଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅନୁଷ୍ଠାନର ଅଧ୍ୟକ୍ଷ ଏସ. ମୋହନ ରାଓ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଉଚ୍ଚଶିକ୍ଷା ବିଭାଗର ଉପନିର୍ଦ୍ଦେଶକ ଡ.ସିଦ୍ଧାର୍ଥ ଶଙ୍କର ପାଢ଼ୀ ଏବଂ ସମ୍ମାନିତ ଅତିଥି ଭାବେ ବିରିଷ୍ଠ ଚିକିତ୍ସକ ଓ ରୋଲାଣ୍ଡ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଟ୍‌ର ନିର୍ଦ୍ଦେଶକ ଡ. ସୁନୀଲ କୁମାର କୋଟା ଯୋଗ ଦେଇଥିଲେ। ଏ ଅବସରରେ ମୁଖ୍ୟଅତିଥି ଶିଶୁମାନଙ୍କୁ ଭାରତୀୟ ସଂସ୍କୃତି ଓ ପରମ୍ପରାକୁ ଆଧାର କରି ଜୀବନର ମୂଲ୍ୟବୋଧ କଥା ଶୁଣାଇ ଭବିଷ୍ୟତରେ ଜଣେ ଆଦର୍ଶ ନାଗରିକ ହେବାକୁ ପରାମର୍ଶ ଦେଇଥିଲେ। ଚଳିତ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ବିଦ୍ୟାଳୟର ପ୍ରଥମ ୧୦ଟି ସ୍ଥାନରେ ଥିବା ୧୩ ଜଣ ଛାତ୍ରଛାତ୍ରୀ ଯଥା ଆୟୁଷ ଆଶୁତୋଷ ବେହରା, ଏସ୍ ନିହାର ରଞ୍ଜନ ପାତ୍ର, ପ୍ରଭୁସ୍ମିତା ପଣ୍ଡା, ପ୍ରିୟଙ୍କା ଚୌଧୁରୀ, ସ୍ନିଗ୍ଧା ରାଣି ପ୍ରଧାନ, ସ୍ନେହାଶ୍ରିତା ପଣ୍ଡା, ବିଶାଖା ତରାଇ, ଅପର୍ଣ୍ଣା ଆଚାରୀ, ପ୍ରଜ୍ଞା ପ୍ରିୟଦର୍ଶିନୀ, ଧୃତିବଲ୍ଲଭ ପଣ୍ଡା, ଅମିତ କୁମାର ପଣ୍ଡା, ସତ୍ୟପ୍ରିୟ ବେହେରା ଓ ଦିବ୍ୟାଂଶୁ ପ୍ରଧାନ ଓ ସେମାନଙ୍କ ମାତାପିତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ବ୍ୟତୀତ ୧୦ମ ଶ୍ରେଣୀ ପରୀକ୍ଷା ଫଳାଫଳରେ ବିଦ୍ୟାଳୟର ଇ୧ ଗ୍ରେଡ ପାଇଥିବା ସମସ୍ତ ୫୩ ଜଣ ଛାତ୍ରଛାତ୍ରୀମାନଙ୍କୁ ସମ୍ମାନିତ କରାଯାଇଥିଲା ଏବଂ ସମସ୍ତ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ତରଫରୁ ସ୍ମୃତି ଚିହ୍ନ ପ୍ରଦାନ କରାଯାଇଥିଲା। ଏହି ଅବସରରେ ରାଜ୍ୟରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଛାତ୍ର ଶ୍ରୀମାନ୍ ଆୟୁଷ ଆଶୁତୋଷ ବେହରା, ରାଜ୍ୟରେ ତୃତୀୟ ସ୍ଥାନ ଅଧିକାର କରିଥିବା ଏସ୍. ନିହାର ରଞ୍ଜନ ପାତ୍ର, ରାଜ୍ୟରେ ନବମ ସ୍ଥାନ ଅଧିକାର କରିଥିବା ପ୍ରଭୁସ୍ମିତା ପଣ୍ଡା ଓ ପ୍ରିୟଙ୍କା ଚୌଧୁରୀ ନିଜ ଅନୁଭୂତି ବକ୍ତବ୍ୟ ମାଧ୍ୟମରେ ବିଦ୍ୟାଳୟର ଶିକ୍ଷା ବ୍ୟବସ୍ଥାକୁ ଗୁରୁତ୍ୱ ଦେଇଥିଲେ। ଶିଶୁ ମନ୍ଦିରର ଶୈକ୍ଷିକ ପ୍ରଶାସକ ଶ୍ରୀ ଉମାଧବ ମହାନ୍ତି ତାଙ୍କର ଉଦ୍ଦେଶ୍ୟ ଜ୍ଞାପନ ମାଧ୍ୟମରେ ପିତା,ମାତା, ଗୁରୁଜନ, ମାତୃଭୂମି ସର୍ବୋପରି ଭଗବାନଙ୍କ ପ୍ରତି କୃତଜ୍ଞ ରହିବା ପାଇଁ ପରାମର୍ଶ ଦେଇଥିଲେ ଏବଂ ମୋବାଇଲ ଭଳି ଏକ ମହାମାରୀ ଠାରୁ ଦୁରେଇ ରହିବା ପାଇଁ ପରାମର୍ଶ ଦେଇଥିଲେ। ଏହି ଉତ୍ସବରେ ବିଦ୍ୟାଳୟ ପରିଚାଳନା ସମିତିର ସମସ୍ତ କାର୍ଯକର୍ତ୍ତା ତଥା ସମସ୍ତ ଆଚାର୍ଯ୍ୟଆଚାର୍ଯ୍ୟା ଉପସ୍ଥିତ ଥିଲେ। ବିଦ୍ୟାଳୟର ଶିଶୁମାନଙ୍କର ଏହି ଅଭୂତପୂର୍ବ ସଫଳତା ପାଇଁ ପରିଚାଳନା ସମିତିର ସଭାପତି ଡ.ଜିବାନନ୍ଦ ତ୍ରିପାଠୀ, ସମ୍ପାଦକ ନାରାୟଣ ପଣ୍ଡା, ଯୁଗ୍ମ ସମ୍ପାଦକ ନିଳକଣ୍ଠ ସାହୁ, କୋଷାଧ୍ୟକ୍ଷ ସୋମନାଥ ନନ୍ଦ, ସଦସ୍ୟା ପ୍ରଣତି ସାମଲ ଓ ବାସନ୍ତି ବେହେରା, ଉପଦେଷ୍ଟା ଡ.ଶ୍ରୀକାନ୍ତ ମହାପାତ୍ର, ଡ. ହରିକୃଷ୍ଣ ନାୟକ, ମମତା ପାଣିଗ୍ରାହୀ, ଧର୍ମରାଜ ସାହୁ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ନରସିଂହ ଚୌଧୁରୀ, ସୁଦର୍ଶନ ପାଢ଼ୀ ଓ ହରିକୃଷ୍ଣ ପାଢ଼ୀ ଓ ନିମନ୍ତ୍ରୀତ ଅତିଥି ଡ. ଭଗବାନ ତ୍ରିପାଠୀ, ସବିତାଞ୍ଜଳି ନାୟକ, କେ. ଭେଙ୍କଟ ରାଓ, ରାଜେନ୍ଦ୍ର ଡାକୁଆ, ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ଏସ୍. ମୋହନ ରାଓ, ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ସୁରେଶ କୁମାର ଆଚାର୍ଯ୍ୟ. ଡିଗ୍ରି ବିଦ୍ୟାମନ୍ଦିରର ଅଧ୍ୟକ୍ଷ ଡ. ସୁବ୍ରତ ପାଣିଗ୍ରାହି ଏବଂ ବିଦ୍ୟାଳୟ ଶୈକ୍ଷିକ ପ୍ରଶାସକ ଉମାଧବ ମହାନ୍ତି, ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା ତଥା ସମସ୍ତ ଅଭିଭାବକଙ୍କ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ପରିଶେଷରେ ପରିକ୍ଷା ପ୍ରମୁଖ ସମିର କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।



